

ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
-ଡାୟୋଜିନିସ୍



## ଆଜି କ'ଣ କେଉଁଠି

**ପୁରୁଣାକଟକ**
- ମା' ଭୈରବୀ ଦିବାରାତ୍ର ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ମିନି ଷ୍ଟାଡିୟମ, ଅପରାହ୍ନ ୨।୩୦ ।

**ବରଗଡ**
- ପୌରସ୍ତରୀୟ ବିଷୟ ଶିକ୍ଷକଙ୍କ ସମୀକ୍ଷା ବୈଠକ, ଜର୍ଜ ହାଇସ୍କୁଲ, ଅପରାହ୍ନ ୨ଟା ।

## ସଂକ୍ଷେପରେ

### ଗଞ୍ଜେଇ ବୋଝେଇ କାର୍ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୨୪।୬
ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ସୋମବାର ଗଞ୍ଜେଇ ବୋଝେଇ ଏକ କାର୍ (ନଂ.ଓଆର୦୨ଏଏସ/୩୬୧୧)କୁ ଜବତ କରିଛି । ଏହା ସହିତ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ରାହୁଲ ଦିଗଲଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ଏକ ମାମଲା(ନଂ.୬୬/୧୯) ରୁଜୁ ହୋଇଛି ।

### ଅନ୍ୟା ପକ୍ଷରୁ କବିତା ଆସର

ସମ୍ବଲପୁର,୨୪।୬(ବ୍ୟୁରୋ): ଅନ୍ୟା ପକ୍ଷରୁ କବିତା ଆସର ସୋମବାର ରାତିରେ ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଫେସର ସୁଦର୍ଶନ ପୂଜାରୀ ଅଧକ୍ଷତା କରିଥିଲେ। ଡ. ପଞ୍ଚାନନ ମିଶ୍ର ଆଲୋଚକ ଭାବେ ଯୋଗଦେଇଥିଲେ। ସେ କହିଥିଲେ, କବି ରାଜେନ୍ଦ୍ର କିଶୋର ପଣ୍ଡା ଆଧୁନିକ କବିତା ସାହିତ୍ୟର ବିସ୍ମୟ ପ୍ରତିଭା ଅଟନ୍ତି। ବିଦ୍ରୋହ ଓ ସଙ୍ଘାତ ତାଙ୍କ କବିତାରେ ଚିରକାଳର ମୂଲ୍ୟବୋଧ ହୋଇ ବିଦ୍ୟମାନ ରହିଛି। ଡ. ପ୍ରଦୀପ କୁମାର ପଣ୍ଡା, ଡ. ମନୋଜ କୁମାର ପଣ୍ଡା, ସରୋଜ ମହାନ୍ତି, ଲକ୍ଷ୍ମୀନାରାୟଣ ହୋତା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ରଚିତ କବିତା ପାଠ କରିଥିଲେ। ଡ. ଗୌରୀଦାସ ପ୍ରଧାନ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର କାଳୀଦାସ ମିଶ୍ର ଓ ଅଭୟ କୁମାର ପାଢ଼ୀ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟାର ଡ. ଦ୍ୱାରିକାନାଥ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଧାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସିଦ୍ଧାର୍ଥ ପଣ୍ଡା, ରମେଶ ମିର୍ଦ୍ଧା, ଅଧାପକ ବୃନ୍ଦାବନ ମିଶ୍ର, କମଳଲୋଚନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଫେସର କାଳୀଦାସ ମିଶ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଧାନ ପାଇଁ ତେଜିଲା ଚାଷୀ ଆନ୍ଦୋଳନ

## ମଣ୍ଡିରୁ ଉଠୁନି ଧାନ, ଧାରଣାରେ ଚାଷୀ



ଜିଲାପାଳ ଅଫିସରେ ରେଶମ ଅଞ୍ଚଳର ଚାଷୀଙ୍କ ବିକ୍ଷୋଭ ।

ବରଗଡ଼ ଅଫିସ୍,୨୪।୬

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ବିତି ଯାଇଛି । ତଥାପି ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥିତ ହୋଇପାରି ନାହିଁ । ମଣ୍ଡିକୁ ଧାନ ଆସୁଛି। ମାତ୍ର ଯେଉଁ ଅନୁପାତରେ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ହେଉଛି, ତାକୁ ସେହି ଅନୁପାତରେ ଉଠାଯାଉନାହିଁ। ଅନ୍ୟପଟେ କେତେକ ମଣ୍ଡି ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ କଟକଣା ଆରମ୍ଭ ହୋଇଯାଇଛି । କେତେକ ମଣ୍ଡିକୁ ନିକଟସ୍ଥ ମାର୍କେଟ୍ ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସବୁଦିନ ବଦଳରେ ସପ୍ତାହର ପ୍ରଥମ ତିନିଦିନ କେବଳ ମଣ୍ଡିରେ ଧାନ ସଂଗ୍ରହ ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଆହୁରି ଜଟିଳ ହୋଇ ପଡ଼ିଛି । ଅପରପକ୍ଷେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲୁ ନ ଥିବା ଯୋଗୁ ସେଠାକାର ଅମଳ ଧାନ ବରଗଡ଼ ଜିଲାକୁ ଆସି ବିଭିନ୍ନ ରାଇସ ମିଲରେ ଭର୍ତ୍ତି ହେଉଛି । ତାକୁ ଫଲ୍ସ ଏଣ୍ଟ୍ରି କରି ଏବେ ଟାର୍ଗେଟ୍ ତଥା ଆଲଟମେଣ୍ଟ ଆଳ ଦେଖାଇ ଜିଲାର ଚାଷୀଙ୍କ ଅମଳ ଧାନ ଉଠାଇବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲାବ୍ୟାପୀ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି ଏବଂ ଏହି ଅସନ୍ତୋଷରୁ ଆନ୍ଦୋଳନ ତେଜି ଉଠିଛି ।

## ସିଏସଓ ଅଫିସରେ ତାଲା ପକାଇଲେ ଚାଷୀ

ବରଗଡ଼ ଅଫିସ୍,୨୪।୬

ବରଗଡ଼ ଜିଲାର ଅତାବିରା ଆରଏମସି ରେଶମ ମଣ୍ଡିରେ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ରହିଛି। ଏଭଳି ଅଭିଯୋଗ ନେଇ ସୋମବାର ଅଞ୍ଚଳର ଚାଷୀମାନେ ଜିଲାପାଳ ଅଫିସ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଚାଷୀମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟିଥିଲେ। ମାତ୍ର ଧାନ ଉଠାଣ ନେଇ ଅତିରିକ୍ତ ଜିଲାପାଳଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ ଏବଂ ଚାଷୀମାନେ ସିଧାସଳଖ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସକୁ ଯାଇଥିଲେ। ସେଠାରେ ସିଏସଓଙ୍କ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ସୋମବାର ସୁଦ୍ଧା ମଣ୍ଡିରେ ୪୬୮୧ ପ୍ୟାକେଟ୍ ଧାନ ପଡ଼ିଥିବା କାଗଜପତ୍ରରେ ଉଲ୍ଲେଖ ରହିଛି । ମାତ୍ର ଚାଷୀମାନେ ଆହୁରି ଅଧିକ ଅର୍ଥାତ୍ ୧୮ହଜାର ୬୧୯ ବସ୍ତା ଧାନ ସେହି ମଣ୍ଡିର ଖୋଲା ଆକାଶ ତଳେ ରଖିଥିବା ସତ୍ତ୍ୱେ ତାହା ଉଠାଇବା ତ ଦୂରର କଥା, ତାକୁ କାଗଜପତ୍ରରେ ମଧ୍ୟ ଉଲ୍ଲେଖ କରି ନ ଥିବା ଅଭିଯୋଗ କରିଛନ୍ତି । ସିଏସଓ ଶ୍ରୀକର ମାଝି ଓ ପୋଲିସ ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ସିଏସଓ ମାଝି ଆସନ୍ତା ୨୭ ତାରିଖ ସୁଦ୍ଧା ଧାନ ଉଠାଣ କରାଯିବା ନେଇ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।



ରେଶମ ଅଞ୍ଚଳର ଚାଷୀଙ୍କ ସହିତ ସିଏସଓ ଏବଂ ପୋଲିସର ଆଲୋଚନା ।

## ମଣ୍ଡିରେ ୟାର୍ଡ ଇନଚାର୍ଜଙ୍କୁ ଅଟକ





ଗୌରଟିକ୍ରା ମଣ୍ଡିରେ ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସରଣ୍ଡା,୨୪।୬(ଡି.ଏନ.ଏ)

ଅତାବିରା ଆରଏମସି ଅଧୀନ ଗୌରଟିକ୍ରା ମଣ୍ଡିରେ ଧାନ ସଂଗ୍ରହ ବନ୍ଦ କରିବା ନେଇ ଆନ୍ଦୋଳନ ଜୋର୍ ଧରିଛି। ଅଞ୍ଚଳର ଚାଷୀମାନେ ସୋମବାର ଉକ୍ତ ମଣ୍ଡିକୁ ଆସି ତାଲା ପକାଇ ଦେଇଛନ୍ତି। ଏହି ସମୟରେ ମଣ୍ଡି ଭିତରେ ୟାର୍ଡ଼ ଇନଚାର୍ଜ ଜୈମିନୀ ଦାଶ ଥିଲେ । ତେବେ ରାତ୍ରି ପ୍ରାୟ ୮ଟା ୫୦ରେ ଯୋଗାଣ ଓ ସମବାୟ ଅଧିକାରୀମାନେ ଧାନ ସଂଗ୍ରହ ଓ ଉଠାଣ ନେଇ ଫୋନ ଯୋଗେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ତାଲା ଖୋଲିଥିଲେ ଏବଂ ୟାର୍ଡ଼ ଇନଚାର୍ଜ ମୁକ୍ତ ହୋଇଥିଲେ । ଚାଷୀମାନେ ଅଭିଯୋଗ କରିଛନ୍ତି, ଗତ ୫ ଦିନ ହେଲା ଗୌରଟିକ୍ରା ମଣ୍ଡିକୁ ଚାଷୀମାନେ ଧାନ ଆଣିଲେ ତାକୁ ମଣ୍ଡି ଭିତରକୁ ପୂରାଇ ଦିଆଯାଉନାହିଁ । ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ଗତ ୧୮ତାରିଖରେ ଚାଷୀଙ୍କ ଧାନକୁ ୟାର୍ଡ଼ ଇନଚାର୍ଜ ଦାଶ ଗ୍ରହଣ କରି ନ ଥିଲେ । ତେବେ ଏହି ମଣ୍ଡି ଉପରେ ଗୌରଟିକ୍ରା, ସିଲେଟ, ସହରାଟିକ୍ରା, ଡୁମ୍ବେରମୁଣ୍ଡା, ନୂଆ ବାଟିମୁଣ୍ଡା, ପୁଟପୁଟପାଲି ଅଞ୍ଚଳର ଚାଷୀମାନେ ନିର୍ଭର କରି ଆସୁଥିବାବେଳେ ଏପର୍ଯ୍ୟନ୍ତ ସବୁ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଏହାସତ୍ତ୍ୱେ ମଣ୍ଡିରେ ଧାନ ସଂଗ୍ରହକୁ ବନ୍ଦ ଯୋଗୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ୨୯ରେ ଲଘୁଚାପ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଆସନ୍ତା ୨୯ ତାରିଖରେ ଉତ୍ତର ପୂର୍ବ କିମ୍ବା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୯ ତାରିଖ ରାତିରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ୩୦ରୁ ୨ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଲଘୁଚାପ ପ୍ରଭାବ ସମ୍ପର୍କରେ ଚିତ୍ର ସ୍ପଷ୍ଟ ହୋଇଯିବ। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷା ସାମାନ୍ୟ କମ ରହିବ ବୋଲି ଅନୁମାନ କରାଯାଇଛି। ମୌସୁମୀ ଆଗମନର ଦୁଇ ଦିନ ପରେ ରାଜ୍ୟରେ ପାଗ ଶୁଖିଲା । ପୁଣି ପ୍ରବଳ ଗରମ ଓ ଗୁଳୁଗୁଳି ଆରମ୍ଭ ହୋଇଯାଇଛି। ଏଭଳି ପାଗ ଆସନ୍ତା ୨୮ ତାରିଖ ଯାଏ ଲାଗି ରହିବ। ୨୯ ତାରିଖରେ ପାଗରେ ପରିବର୍ତ୍ତନ ହେବ। ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ହେବା ସହ ଲଗାତର ୪ ଦିନ ବର୍ଷା ଲାଗି ରହିବ। ଆସନ୍ତା ୪ ଦିନ ଯାଏ ରାଜ୍ୟରେ କାଁ ଭାଁ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, ଗଜପତି ଏବଂ ନୂଆପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ୧ରେ କ୍ଷେତ୍ରୀୟ ଡାକ ଅଦାଲତ

ସମ୍ବଲପୁର,୨୪।୬(ବ୍ୟୁରୋ)

ସମ୍ବଲପୁର କ୍ଷେତ୍ରୀୟ ଡାକ ଅଦାଲତ ଆସନ୍ତା ଜୁଲାଇ ୧ ତାରିଖ ପୋଷ୍ଟ ମାଷ୍ଟର ଜେନେରାଲଙ୍କ ଅଫିସରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରୁ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଜନସାଧାରଣ ଅଭିଯୋଗ ଉପସ୍ଥାପନ କରିବେ। ସେମାନେ ସେଥିରେ ଅସନ୍ତୁଷ୍ଟ ହେଲେ ପରେ କ୍ଷେତ୍ରୀୟ ଡାକ ଅଦାଲତରେ ଅଭିଯୋଗ କରିପାରିବେ। ସୋମବାର ଏକ ପ୍ରେସ୍ ବିବୃତିରେ ଜନ ଅଭିଯୋଗ ସହାୟକ ନିର୍ଦ୍ଦେଶକ ରଘୁନାଥ ସାହୁ ଏହି ସୂଚନା ଦେଇଛନ୍ତି।

■ ସ୍ପଷ୍ଟ କଲା ସାଧାରଣ ପ୍ରଶାସନ ବିଭାଗ

## ମାସର ଦ୍ୱିତୀୟ ଶନିବାର ବି ଛୁଟି ରହିବ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ପୂର୍ବଭଳି ମାସର ଦ୍ୱିତୀୟ ଶନିବାର ସରକାରୀ ଛୁଟି ଦିବସ ରହିବ। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରି ସ୍ପଷ୍ଟ କରାଯାଇଛି। ଏଥିସହିତ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ମଧ୍ୟ ଛୁଟି ରହିବ। ତେବେ ଚତୁର୍ଥ ଶନିବାର ପ୍ରତ୍ୟେକ ବିଭାଗୀୟ ଦପ୍ତର ସକାଳ ୧୦ଟାରୁ ୧ଟା ୩୦ ମିନିଟ ଯାଏ ଖୋଲା ରହିବ। ଏହି ସମୟରେ ପ୍ରଶାସନିକ କାର୍ଯ୍ୟରେ ୫-ଟି (ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପାରେନ୍ସି, ଟାଇମ ଓ ଟ୍ରାନ୍ସଫରମେଶନ)କୁ କର୍ମଚାରୀମାନେ କିଭଳି ପାଳନ କରୁଛନ୍ତି ସେନେଇ ପ୍ରଶିକ୍ଷଣ ଶିବିର କିମ୍ବା କର୍ମଶାଳାମାନ ଆୟୋଜନ କରାଯିବ। ରାଜ୍ୟର ବିକାଶ କ୍ଷେତ୍ରରେ କର୍ମଚାରୀମାନେ ଏହି କର୍ମଶାଳାରେ ନିଜର ସୁଚିନ୍ତିତ ମତାମତ ଦେଇପାରିବେ। ପ୍ରଶାସନିକ କାର୍ଯ୍ୟକୁ ଚଳଚଞ୍ଚଳ କରିବାକୁ ଏଭଳି କରାଯାଇଛି।

## ଗ୍ରାମ୍ୟସ୍ତରୀୟ କ୍ୟାଡରମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଦେବଗଡ଼,୨୪।୬(ଡି.ଏନ.ଏ.)

ଗ୍ରାମ୍ୟସ୍ତରୀୟ କ୍ୟାଡରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତା ପକ୍ଷରୁ ଏକ ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦିକା ଅନୁପମା ରାଉତଙ୍କ ପରିଚାଳନାରେ ବାରକୋଟ ବ୍ଲକ ଗୁରୁସଙ୍ଗ ପଞ୍ଚାୟତସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ତାଲିମ ଶିବିରକୁ ମୁଖ୍ୟଅତିଥି ଭାବେ ଗୁରୁସଙ୍ଗ ପଞ୍ଚାୟତର ସରପଞ୍ଚ ବବିତା ଶବର ଉଦଘାଟନ କରିଥିଲେ । ଜଳର ସଂରକ୍ଷଣ ତଥା ସରକାରଙ୍କ ପକ୍ଷରୁ କରାଯାଉଥିବା ମିନି ପାଇପ ୱାଟର ସପ୍ଲାଇ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ, ମରାମତି ତଥା ଚିର ସ୍ଥାୟିତ୍ୱ କ୍ଷେତ୍ରରେ ଗ୍ରାମବାସୀଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ଏହି ଶିବିରରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିସହ ପାଇପ ଜଳ ଉପଭୋକ୍ତାମାନେ କି ଭଳି ଏହାର ଠିକ ପରିଚାଳନା କରିପାରିବେ ସେଥିପାଇଁ ଏକ ଗ୍ରାମସ୍ତରୀୟ ସଂଘ ଗଠନ କରାଯାଇଥିଲା । ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସୀମାଞ୍ଚଳ ପଣ୍ଡା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲଷ୍ଟର କୋର୍ଡିନେଟର ହିରାମଣୀ ଦାସ,ଝୁନୁଲତା ମହାନ୍ତି, ମନ୍ଦୋଦରୀ ସାହୁ, ଭୀମସେନ ପ୍ରଧାନ, ଏବଂ ଅଜୟ ସାହୁ ସହ ଯୋଗ କରିଥିଲେ । ହିରାମଣୀ ଦାସ ଧନ୍ୟବାଦ ଦେଇଥିଲେ ।





ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଗ୍ରାମ୍ୟସ୍ତରୀୟ କ୍ୟାଡରମାନେ ।

## ପୁଣି ଫୁଟିଲା ଗୁଳି, ଯୁବକ ମୃତ

ବ୍ରଜରାଜନଗର,୨୪।୬(ଡି.ଏନ୍.ଏ.)

କିଛିଦିନ ବ୍ୟବଧାନରେ ସୋମବାର ବ୍ରଜରାଜନଗରରେ ପୁଣି ଗୁଳି ଫୁଟିଛି। ଗୁଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣାର ୧୫ ଦିନ ମଧ୍ୟରେ ସୋମବାର ରାତି ସାଢ଼େ ୮ଟାରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡଠାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ଅମିତ ଧଳ। ଦୁର୍ବୃତ୍ତମାନେ ତାଙ୍କୁ ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଅମିତଙ୍କ ପେଟ ଏବଂ ଆଉ ଗୋଟିଏ ଡାହାଣ ପଟ ଛାତିରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳିଆ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ପୁଣି ବୁର୍ଲା ମେଡିକାଲ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।
ମିଳିଥିବା ସୂଚନା ଅନୁଯାୟୀ, ଅମିତ ତାଙ୍କ ଅଫିସ ସମ୍ମୁଖରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ଏହି ସମୟରେ ୨ଜଣ ଯୁବକ ଆସି ଭେୟା ନମସ୍ତେ ବୋଲି କହିବା ସହ ଗୁଳିମାଡ଼ କରିଥିଲେ। ଅମିତଙ୍କ ଶରୀରରେ ଦୁଇଟି ଗୁଳି ବାଜିବା ସତ୍ତ୍ୱେ ସେ ସାହସ ଦେଖାଇ ଦୁର୍ବୃତ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ବନ୍ଧୁକ ଛଡ଼ାଇ ରଖିବାରେ ସକ୍ଷମ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତ ଦ୍ୱୟ ଶୌଚାଳୟ ଗଳି ଦେଇ ଦୌଡ଼ି ପଳାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଜବତ କରି ତଦନ୍ତ ଆରମ୍ଭ କରିଛି।



ଦୁର୍ବୃତ୍ତମାନେ ଛାଡ଼ି ପଳାଇଥିବା ବାଇକ୍।





ସୋମବାର ଦେବଗଡ଼ ୪୯ ନଂ. ଜାତୀୟ ରାଜପଥ ପୁରୁଣାଗଡ଼ ରାସ୍ତା ପାର୍ଶ୍ୱରେ ଥିବା ଏକ ତେଜରାତି ଦୋକାନରେ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ପଶି ଯାଇଛି ।

## ସହାୟତା ଆଶାରେ ଜିଲାପାଳଙ୍କୁ ଫେରାଦ

**ଅଗ୍ନିକାଣ୍ଡରେ ଦୋକାନ ପୋଡ଼ି ଘଟଣା**

ବରଗଡ଼ ଅଫିସ୍,୨୪।୬

ବରଗଡ଼ ସହରର ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ପାଖରେ ଥିବା କେତେକ ଦୋକାନ ଗତ ୨୨ତାରିଖ ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡରେ ଜଳିପୋଡ଼ି ଛାରଖାର ହୋଇ ଯାଇଥିଲା । ସୋମବାର କ୍ଷତିଗ୍ରସ୍ତ ଦୋକାନୀମାନେ ସହାୟତା ଆଶାରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟର ଡାକ ସେକ୍ସନରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

କଲ୍ୟାଣ ମଣ୍ଡପ ପାଖରେ ରହିଥିବା ଦୋକାନୀମାନେ ଦୀର୍ଘବର୍ଷ ହେଲା ଦୋକାନ କରି ପରିବାର ପୋଷଣ କରୁଛନ୍ତି । ଦୋକାନ ବାବଦକୁ ସେମାନେ ନିୟମିତ ଟ୍ୟାକ୍ସ ମଧ୍ୟ ଦେଇ ଆସୁଛନ୍ତି । ପୌର କର୍ତ୍ତୃପକ୍ଷ ଲାଇସେନ୍ସ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ମାତ୍ର ଏପର୍ଯ୍ୟନ୍ତ ତାହା ମିଳିପାରିନାହିଁ । ଅନ୍ୟପଟେ କାଠ, ବାଉଁଶରେ କେବିନ ତିଆରି କରି ସେମାନେ ଦୋକାନ ଚଳାଉଛନ୍ତି । ଦୁଇଦିନ ତଳେ ଅଗ୍ନିକାଣ୍ଡ ଯୋଗୁ ଦୁର୍ଯ୍ୟୋଧନ ସାହୁଙ୍କ ଚପଲ ଦୋକାନ, ଅନୁପ କୁମାର ଗୁପ୍ତାଙ୍କ ଚଷମା ଦୋକାନ ଏବଂ କ୍ଷୀରୋଦ୍ର ବିଶିଙ୍କ ଜଳଖିଆ ଦୋକାନ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଏଥିରେ ଦୁର୍ଯ୍ୟୋଧନଙ୍କ ଦୋକାନରେ ରହିଥିବା ଚପଲ, ଜୋତା, ଛତା, ମଶାରୀ ଆଦି ପ୍ରାୟ ୩ଲକ୍ଷ, ଅନୁପଙ୍କ ଦୋକାନର ଚଷମା, ରୁମାଲ, ବେଲ୍ଟ ଆଦି ଦେଢ଼ଲକ୍ଷ ଏବଂ କ୍ଷୀରୋଦ୍ରଙ୍କ ଦୋକାନର ପ୍ରାୟ ୨୦ହଜାର ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସେମାନେ କହିଛନ୍ତି । ଦୋକାନ ଉପରେ ସେମାନଙ୍କ ପରିବାର ନିର୍ଭର କରୁଥିବାବେଳେ ଏବେ ଅଗ୍ନିକାଣ୍ଡ ଯୋଗୁ ଦୋକାନର ସବୁ ସାମଗ୍ରୀ ହରାଇ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିଥିବା ସେମାନେ କହିଛନ୍ତି । ଫଳରେ ସରକାରୀ ସହାୟତା ପ୍ରଦାନ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ଦୋକାନୀଙ୍କ ସମେତ ପଡ଼ୋଶୀ ଦୋକାନୀମାନେ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ୨ମାସ ବିତିଲା, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମ ହେଲାନି

ଦେବଗଡ,୨୪।୬ (ସ୍ୱ.ପ୍ର)

ଗତ ଏପ୍ରିଲ ୮ତାରିଖ ସନ୍ଧ୍ୟାରେ ସହରରେ ହୋଇଥିବା ସାମାନ୍ୟ ପବନ, ବର୍ଷା ଓ କୁଆପଥର ମାଡରେ ଦେବଗଡ଼ ପୁରୁଣା ବସଷ୍ଟାଣ୍ଡ ତଥା ଜ୍ୟୋତିମଞ୍ଜରୀ ମାର୍କେଟ କମ୍ପ୍ଲେକ୍ସର ଛାତ କ୍ଷତିଗସ୍ତ ହୋଇଥିଲା । ଉକ୍ତ ଘଟଣାକୁ ୨ମାସ ବିତିଥିଲେ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି । ଫଳରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାପାଳ ସୁଧାଂଶୁ ମୋହନ ସାମଲ କୁଆଡେ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପୌରକର୍ତ୍ତୃପକ୍ଷ ଉକ୍ତ ଘଟଣାକୁ ଚପାଇ ଦେବାପାଇଁ ଏ ପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ କରି ଥିବା ଅଭିଯୋଗ ହୋଇଛି ।

ଜ୍ୟୋତିମଞ୍ଜରୀ ମାର୍କେଟ କମ୍ପ୍ଲେକ୍ସର ପୁନରୁଦ୍ଧାର ପାଇଁ ଚଳିତବର୍ଷ ୬ ଲକ୍ଷ ୫୨ ହଜାର ୫୨୧ ଟଙ୍କା ଖର୍ଚ୍ଚ କରାଯାଇଥିଲା । ହେଲେ ସାମାନ୍ୟ ପବନରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗିପଡିବା ସହ, ତାର ଛିଣ୍ଡିବା ଓ ଟିଣ ସିଟ୍ ଛାତ ଉଡି ରାସ୍ତାରେ ପଡିଥିଲା । ସେହି ଛାତ ତଳେ ଚାପି ହୋଇ ୧୦ ବାଇକ ଓ ୨ ସାଇକେଲ କ୍ଷତିଗ୍ରସ୍ତ ହୋଇଥିଲା । କାଳେ ସେ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେହି ଆଶଙ୍କାରେ ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ରାତାରାତି ଅଗ୍ନିଶମ କର୍ମଚାରୀ, ପୋଲିସ ଏବଂ ପୌର କର୍ମଚାରୀଙ୍କ ସାହାଯ୍ୟରେ ଭାଙ୍ଗିଯାଇଥିବା ଟିଣ ସିଟ୍ ସବୁ କଟର ସାହାଯ୍ୟରେ କାଟି ସଫା କରିଦେଇଥିଲେ । ସୌଭାଗ୍ୟବଶତଃ ସେହି ସମୟରେ କେହି ଆହତ ହୋଇ ନ ଥିଲେ । ନିମ୍ନମାନର କାର୍ଯ୍ୟ ପାଇଁ ଏପରି ହୋଇଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କୁ ପଚାରିବାରୁ ଜିଲାପାଳଙ୍କ ପାଖରେ ଫାଇଲ ଅଛି । ସେ ଯାହା ପଦକ୍ଷେପ ନେବେ । ନିର୍ମାଣରେ କିଛି ଭୁଲ ଥିଲା । ଏତେ ଲମ୍ବା ଟିଣ ସିଟ୍ ପକାଯିବା ଠିକ୍ ନୁହେଁ ବୋଲି କହିଥିଲେ । ଏଥିପାଇଁ ଜିଲାପାଳ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।



“ ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ମାଓବାଦୀ ପରିଚୟ୍ ଦେଇ ଲୁଟ୍

କୁଚିଣ୍ଡା,୨୪।୬(ଡି.ଏନ୍.ଏ.)
କୁଚିଣ୍ଡା ଥାନା ରେଙ୍ଗାଲବେଡ଼ା ଗ୍ରାମ ଦେଶୀ ମଦଭାଟି ପାଚେରି ଡେଇଁ ଶନିବାର ରାତି ପ୍ରାୟ ଗୋଟାଏରେ କେତେଜଣ ଦୁର୍ବୃତ୍ତ ଭାଟି ମଧକୁ ପ୍ରବେଶ କରି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ସେମାନେ ନିଜକୁ ମାଓବାଦୀ ପରିଚୟ୍ ଦେଇ ଭାଟି କର୍ମଚାରୀଙ୍କୁ ମାଡ଼ ମାରି ଭୟଭୀତ କରିବା ସହ ସେଠାରୁ ଲୁଟପାଟ କରିଥିଲେ। ଜଣେ ଭାଟି କର୍ମଚାରୀଙ୍କ ଦାମୀ ମୋବାଇଲ ସହ ଅନ୍ୟ ଏକ ମୋବାଇଲ ଓ କିଛି ମଦ ପାଉଚ୍ ଲୁଟି ନେଇଥିଲେ। ସେଠାରୁ ଯିବା ପୂର୍ବରୁ ପୁଣି ଫାଙ୍କା ଗୁଳି ଚାଳନା କରିଥିଲେ। ତେବେ ଏ ନେଇ ଥାନାରେ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ନିଜ ପକ୍ଷରୁ ଘଟଣାର ଅନୁସନ୍ଧାନ ଚଳାଇଥିବା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି।

### ଜାତୀୟ ଯୋଗ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଟିପିଲିମା,୨୪।୬(ଡି.ଏନ୍.ଏ.)
ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଗ ପ୍ରତିଯୋଗୀ ଛାତ୍ରୀଛାତ୍ରମାନଙ୍କୁ ସୋମବାର ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ବିଶିଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଷ୍ଣୁ ରଣା, ପଙ୍କଜ ଧରୁଆ, କପିଳ ଦୀବ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଶାନ୍ତ ରନବିଡିଆ ଓ ଯୋଗଗୁରୁ ନାରାୟଣ ପାଣିଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାମକୃଷ୍ଣ ରଥ ସଭା ପରିଚାଳନା କରିଥିବାବେଳେ ଗଜାନନ ପ୍ରଧାନ, ଗୋପାଳ ପ୍ରଧାନ ମଞ୍ଚାସୀନ ଥିଲେ।

# ଫସଲବୀମା କ୍ଷତିପୂରଣ ଦାବି, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ନାକଟିଦେଉଳ,୨୪।୬(ଡି.ଏନ୍.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଏବଂ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣ ସହ ୨୦୧୮-୧୯ ଖରିଫ ଋତୁରେ ମରୁଡ଼ି ଜନିତ କ୍ଷତି ପାଇଁ ସରକାରୀ ସହାୟତା ଯୋଗାଇଦେବା ଦାବିରେ କିସିଣ୍ଡାର ପଞ୍ଚଖଣ୍ଡା କୃଷକ ସଂଗଠନ ଏବଂ ଗିରିଶ୍ଚନ୍ଦ୍ରପୁର ମହାଲକ୍ଷ୍ମୀ କୃଷକ ସଂଗଠନ ପକ୍ଷରୁ ସୋମବାର ପୃଥକ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୦୧୮-୧୯ ଖରିଫ ଋତୁରେ ଏହି ଦୁଇ ପଞ୍ଚାୟତର ସମସ୍ତ ଗ୍ରାମରେ ମରୁଡ଼ି ଯୋଗୁ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହ ରୋଗପୋକରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅପର ପକ୍ଷରେ ଅଦିନିଆ ଝଡ଼ ପେଥାଇ ମାଡ଼ରେ ମଧ ଫସଲ ନଷ୍ଟ ହୋଇଥିଲା। ତେଣୁ ଅମଳ କମ୍ ହୋଇଥିବାରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏକର ପିଛା ୧୩ କୁଇଣ୍ଟାଲ ଧାନ ପରିବର୍ତ୍ତେ ୮ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଅଞ୍ଚଳର ଚାଷୀମାନେ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ଗତ ଜାନୁୟାରୀ ୩୧ ତାରିଖରେ ରେଢ଼ାଖୋଲ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଅଦ୍ୟାବଧି ପ୍ରଶାସନ କିମ୍ବା ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ପୁନର୍ବାର ଚାଷୀ ସଂଗଠନ ପକ୍ଷରୁ ସୋମବାର ନାକଟିଦେଉଳ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଇଜଲୁସ ବିନୟ କୁଲୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜୁଲାଇ ୧୫ ସୁଦ୍ଧା ଚାଷୀଙ୍କୁ ବୀମା କ୍ଷତିପୂରଣ ଯୋଗାଇ ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପଞ୍ଚଖଣ୍ଡା କୃଷକ ସଂଗଠନ ସମ୍ପାଦକ ବିହାରୀଲାଲ ଦେହୁରୀ, କାହ୍ନୁଚରଣ ମାଝି, ସୁଧାଂଶୁ ଶେଖର ପଣ୍ଡା, ଉପେନ୍ଦ୍ର ନାୟକ, ଅର୍ଜୁନ ବିଶି, ବିଶ୍ୱେଶ୍ୱର ପ୍ରଧାନ, ରବି ନାରାୟଣ ସାହୁ, ଗୁରୁଚରଣ ମାଝି ଏବଂ ମହାଲକ୍ଷ୍ମୀ କୃଷକ ସଂଗଠନ ସମ୍ପାଦକ ସରୋଜ କୁମାର ବିଶି, ସଭାପତି ବିପିନ ବିହାରୀ ପ୍ରଧାନ, ଶୁଭେନ୍ଦ୍ର ପ୍ରଧାନ, ଦେବାର୍ଚ୍ଚନ ପ୍ରଧାନ, କମଳ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ କୃଷକ ନେତାମାନେ ତହସିଲ ଅଫିସ ଆସିଛନ୍ତି।

### ଆକ୍ରମଣ ଘଟଣାରେ ୩ ଗିରଫ

ସମ୍ବଲପୁର,୨୪।୬(ବ୍ୟୁରୋ)
ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସହଯୋଗନଗର ନିକଟରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୀଷ ସାହୁ (୨୨), ବିବେକ ତ୍ରିପାଠୀ (୨୨) ଓ ଗଙ୍ଗାଧର ମହାନ୍ତି (୨୦)। ଏ ନେଇ ଥାନାରେ ଏକ ମାମଲା (ନଂ. ୨୩୫/୧୯) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାମକୃଷ୍ଣ ଭୋଇଙ୍କୁ ଅଭିଯୁକ୍ତମାନେ ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ୫ରୁ ୭ଜଣ ଯୁବକ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ଗୁଲୁଣ୍ଡା ନୂଆପଡ଼ାବାସୀ ଜିଲାପାଳଙ୍କ ଦ୍ୱାରସ୍ଥ



ଜମି ଯୋଗାଇ ଦେବା ଦାବିରେ ଗୁଲୁଣ୍ଡା ନୂଆପଡ଼ାବାସୀ ଜିଲାପାଳ ଅଫିସ ଆସିଛନ୍ତି।

ସମ୍ବଲପୁର,୨୪।୬(ବ୍ୟୁରୋ)
ବାସଗୃହ ଲାଗି ଜମି ଯୋଗାଇ ଦେବାକୁ ମାନେଶ୍ୱର ବ୍ଲକ ଗୁଲୁଣ୍ଡା ନୂଆପଡ଼ାବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ପ୍ରାୟ ଶହେ ବର୍ଷ ହେବ ସେମାନେ ଗୁଲୁଣ୍ଡା ନୂଆପଡ଼ା ସରକାରୀ ଜମିରେ ବାସ କରିଆସୁଛନ୍ତି। ଏଠାରେ ବିଜୁଳି ଓ ପାଣି ସମସ୍ୟା ଥିବା ସତ୍ତ୍ୱେ ସେମାନେ ରହିଛନ୍ତି। ଭାଗଚାଷ କରିବା ସହ ମଜୁରି ଲାଗି ସେମାନେ ଜୀବିକା ନିର୍ବାହ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଜମି ଯୋଗାଇ ଦେବାକୁ ଦାବି କରିଛନ୍ତି। ସ୍ମାରକପତ୍ରରେ କାନ୍ତିଲତା ଛୁରିଆ, ଅଷ୍ଟମୀ ବାଗ, ପ୍ରମିଳା ଉର୍ମା, ରେଖା ମହାନନ୍ଦ, କୁନ୍ତୀ ମହାନନ୍ଦ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ଆଇଆଇଟି ପ୍ରବେଶିକା ପରୀକ୍ଷାରେ ପ୍ରୟାସଙ୍କ ସଫଳତା

ଟିପିଲିମା,୨୪।୬(ଡି.ଏନ୍.ଏ.)
ଏମ୍‌ସିଏଲ୍ ପରିଚାଳିତ ବୁର୍ଲା ଡିଏଭି ପବ୍ଲିକ ସ୍କୁଲ ଛାତ୍ର ପ୍ରୟାସ ପ୍ରଧାନ ସର୍ବଭାରତୀୟ ଆଇଆଇଟିରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏକ ସମୟରେ ଆଇଆଇଟି ସହ ସର୍ବଭାରତୀୟ ଏନ୍‌ଡିଏ ପାଇବାରେ ମଧ ସଫଳ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପ୍ରୟାସ କେବେ କୌଣସି କୋଚିଂ ସେଣ୍ଟରକୁ ଯାଇ ନ ଥିଲେ କିମ୍ବା କୌଣସି ଅନୁଷ୍ଠାନରୁ ପତ୍ର ବିନିମୟ କୋର୍ସ ମଧ କରି ନ ଥିଲେ। ନିଜ ଉଦ୍ୟମ, ଆଗ୍ରହ ଏବଂ ଅଧ୍ୟବସାୟ ବଳରେ ସେ ଏହି କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ବାପା ସଦାନନ୍ଦ ପଧାନ ଶିକ୍ଷକତା କରୁଥିବାବେଳେ ମା' ରୀନା ଜଣେ ଗୃହିଣୀ। ପ୍ରୟାସ କେତେବେଳେ ମଧ ବନ୍ଧୁ ଗହଣରେ ଅଯଥା ସମୟ ନ କଟାଇ କିମ୍ବା ମୋବାଇଲ, ଟେଲିଭିଜନରେ ସମୟ ନ ଦେଇ ପାଠପଢ଼ାରେ ସମୟ ବିନିଯୋଗ କରୁଥିଲେ। ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିଲେ। ଏନ୍‌ସିଇଆରଟି ପାଠ୍ୟ ପୁସ୍ତକକୁ ଅଧିକ ଗୁରୁତ୍ୱ ଦେଉଥିଲେ। ତାଙ୍କ ସଫଳତା ପାଇଁ ସେ ମା'ବାପା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ଆଇଆଇଟି ଏବଂ ଏନ୍‌ଡିଏ ମଧରେ ସେ ଆଇଆଇଟିକୁ ଅଧିକ ପସନ୍ଦ କରୁଛନ୍ତି। ଖଡ଼ଗପୁର ଆଇଆଇଟିର ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ସେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି। ଏହି କୃତିତ୍ୱ ପାଇଁ ଡିଏଭି ପବ୍ଲିକ ସ୍କୁଲ ଅଧକ୍ଷା ରଶ୍ମି ମିଶ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରୟାସ ପଧାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରୟାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ

ନାକଟିଦେଉଳ,୨୪।୬(ଡି.ଏନ୍.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ମିଳିତ ଆନୁକୂଲ୍ୟରେ ସୋମବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି। ବିଡିଓ ମେଥୋଡିୟସ ଲାକ୍ରା ଏଥିରେ ଅଧକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା ସବୁ ପ୍ରକାର ବିପର୍ଯ୍ୟୟରୁ ରକ୍ଷା କରିପାରିବ ବୋଲି ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ କହିଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ଭୂକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ରକ୍ଷା କରାଯାଇପାରିବ ସେ ନେଇ ସ୍ଥାନୀୟ ଅଗ୍ନିଶମ ବିଭାଗ ଅଧିକାରୀ ପାସକାଲ କୁଲୁ ଆଲୋଚନା କରିଥିଲେ। ଏଥିସହ ଏହି ସମୟରେ ବିଭାଗ ପକ୍ଷରୁ କି ପ୍ରକାର କୌଶଳ ଅବଲମ୍ବନ କରାଯାଏ ସେ ନେଇ କୁଲୁ ସୂଚନା ଦେଇଥିଲେ। ଏହି ଅବସରରେ ଅଗ୍ନିଶମ କର୍ମଚାରୀ ମକ୍‌ଡ୍ରିଲ ମାଧମରେ ଲୋକଙ୍କୁ ସଚେତନ କରାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ଛାତ୍ରଛାତ୍ରୀ, ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ।



ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରୁଛନ୍ତି।

### କମ୍ପାନୀ ଫାଟକ ଆଗରେ ମଦ ବିକ୍ରିକୁ ବିରୋଧ

ସମ୍ବଲପୁର,୨୪।୬ (ବ୍ୟୁରୋ)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇ ଗ୍ରାମବାସୀ ସୋମବାର ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଶ୍ୟାମ୍ ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଛନ୍ତି। ଏଠାରେ ଅବାଧରେ ମଦ ବିକ୍ରି ହେଉଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ନିୟମିତ ଗଣ୍ଡଗୋଳ ଓ ମାରପିଟ ହେଉଛି। ଗତ ୧୮ ତରିଖରେ ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା କରାଯାଉଥିଲା। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ସେମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଶାନ୍ତି ପ୍ରଧାନ, ଡଲି ପ୍ରଧାନ, ଗୋଲାପୀ ବିଶ୍ୱାଳ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।



ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରରେ ପଟ୍ଟଚିତ୍ର ପୂଜା ପାଉଛନ୍ତି।

## କଟା ପୁନରୁଦ୍ଧାର ଦାବି



ଝାରମୁଣ୍ଡାବାସୀ କଟା ପୁନରୁଦ୍ଧାର ଦାବିରେ ଜିଲାପାଳ ଅଫିସ ଆସିଛନ୍ତି।

ସମ୍ବଲପୁର,୨୪।୬(ବ୍ୟୁରୋ)
ଧନକଉଡ଼ା ବ୍ଲକ ଝାରମୁଣ୍ଡାବାସୀ ଗ୍ରାମର ବାଘ କଟା ପୁନରୁଦ୍ଧାର ଦାବି କରିଛନ୍ତି। ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଗ୍ରାମବାସୀ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାୟ ୫ ବର୍ଷ ହେଲା କଟାଟି ଅନାବନା ଲତା ଓ ପଙ୍କରେ ଭରିଯାଇଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ତେଣୁ କଟାର ପୁନରୁଦ୍ଧାର କଲେ ଗ୍ରାମବାସୀ ଉପକୃତ ହେବେ ବୋଲି ସେମାନେ କହିଛନ୍ତି। ସୌଦାମିନୀ ବେହେରା, ଗୀତା ପ୍ରଧାନ, ବିନୋଦିନୀ ପ୍ରଧାନ, ମନ୍ଦୋଦରୀ ଭୋଇ, ବେଦମତୀ ପ୍ରଧାନ, ପଦ୍ମାସିନୀ ବାଗ, ଛୁଆନନୀ ମେହେର, ତପସ୍ୱିନୀ ପଣ୍ଡା ପ୍ରମୁଖ ଜିଲାପାଳଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆଇନ ସଚେତନତା ଶିବିର

ସମ୍ବଲପୁର,୨୪।୬(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ସୁଧାର ଗୃହରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତି ଅଧକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ, ଯୁଯୁମୁରା ବ୍ଲକ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ତେବାସୀଙ୍କୁ ସେମାନଙ୍କ ଅଧିକାର ଓ ଆଇନଗତ ସୁବିଧା ସୁଯୋଗ ବିଷୟରେ ଅବଗତ କରାଯାଇଥିଲା।

## ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର,୨୪।୬(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପୁଟିବନ୍ଧ ଅଞ୍ଚଳରେ ପ୍ରାୟ ୧ ଏକର ୪୦ ଡିସିମିଲ ସରକାରୀ ଜମି ରହିଛି। ଏହି ଜମିରେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିର୍ମାଣ କରିବାକୁ ଦାବି ହୋଇଛି। ଏହାଦ୍ୱାରା ଅଞ୍ଚଳବାସୀଙ୍କ ସମେତ ଶିଶୁମାନଙ୍କ ମନୋରଞ୍ଜନ ହୋଇପାରିବ। ତେଣୁ ଉଦ୍ୟାନ ନିର୍ମାଣ ଲାଗି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ସୋମବାର ପୁଟିବନ୍ଧ ବିଜୁ ସ୍ମୃତି କମିଟି ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆବାହକ ପ୍ରଶାନ୍ତ ଥାପା, ଉପଆବାହକ ସତ୍ୟେନ୍ଦ୍ର ଦାଶ, ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ହରେକୃଷ୍ଣ ଚଇନି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଧନୁପାଲି-ଧମା ରାସ୍ତା ମରାମତି ଦାବି

ସମ୍ବଲପୁର,୨୪।୬(ବ୍ୟୁରୋ)
ସ୍ୱରେଜ ପ୍ରକଳ୍ପ ନିର୍ମାଣ ପାଇଁ ସମ୍ବଲପୁର ଧନୁପାଲି-ଧମା ରାସ୍ତା ଖୋଳାଯାଇଛି। ଏହାକୁ ପୋତାଯାଉ ନାହିଁ କିମ୍ବା ମରାମତି କରାଯାଉ ନାହିଁ। ଫଳରେ ଧୂଳିଗୁଣ୍ଡ ଉଡ଼ି ପ୍ରଦୂଷଣ ସୃଷ୍ଟି ହେଉଛି। ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ଅଞ୍ଚଳବାସୀ ଜିଲାପାଳ ଶୁଭମ ସକସେନାଙ୍କୁ ଅଭିଯୋଗ କରିଛନ୍ତି। ହରେଶ ଚନ୍ଦ୍ର ସାମଲ, ଶରତଚନ୍ଦ୍ର ପାଢ଼ୀ, ପ୍ରଶାନ୍ତ କୁମାର ମାଝି, ନିରଞ୍ଜନ ବଡ଼ପଣ୍ଡା ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ଯିବା ଆସିବା କରନ୍ତି। ତେଣୁ ସମସ୍ୟା ଦେଖାଦେଇଛି। ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



ଧନୁପାଲି-ଧମା ରାସ୍ତା ଖୋଳାଯାଇଛି।

## ସାପ କାମୁଡ଼ାରେ ମହିମା ସାଧୁଙ୍କ ମୃତ୍ୟୁ

ରେଢ଼ାଖୋଲ,୨୪।୬(ଡି.ଏନ୍.ଏ.)
ଅନୁଗୋଳ ଜିଲା ଆଠମଲ୍ଲିକ ନିକଟ ମାଧପୁର ଭୋଇପାଲିସ୍ଥିତ ମହିମା ଅଲେଖ ଆଶ୍ରମର ସାଧୁ ବିଶିକେଶନ ଦାସ (୫୦)ଙ୍କ ସୋମବାର ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲାବେଳେ ସକାଳ ୮ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୈତୃକଘର ରେଢ଼ାଖୋଲ ନିକଟ ପଣ୍ଡକୀମାଳ ଗାଁରେ। ତେବେ ଭୋଇପାଲିସ୍ଥିତ ଆଶ୍ରମ ପରିସରରେ ବିଭିନ୍ନ ସାଧୁସନ୍ଥ ଓ ତାଙ୍କ ଅନୁଗାମୀଙ୍କ ଗହଣରେ ତାଙ୍କୁ ସମାଧି ଦିଆଯାଇଛି।



## ରଥଯାତ୍ରା ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୨୪।୬(ଡି.ଏନ୍.ଏ.)
ରେଢ଼ାଖୋଲ ବ୍ଲକ ସଭାଗୃହ ପରିସରରେ ସୋମବାର ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ବିଶିକେଶନ ଦେହୁରୀ ଅଧକ୍ଷତା କରିଥିଲେ । ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ, ଏନ୍‌ଏସି ଅଧକ୍ଷ ସନ୍ଧ୍ୟାରାଣୀ ଦେହୁରୀ, ବ୍ଲକ ଅଧକ୍ଷା କବିତା ପ୍ରଧାନ, ଦେବୋତ୍ତର ବିଭାଗର ଅରୁଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ ପ୍ରଧାନ, ଏନ୍‌ଏସି ଉପାଧକ୍ଷ ସୁନୀଲ ପ୍ରଧାନ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଏସ୍‌ଡିଏମ୍‌ଓ ବିପିନ ବିହାରୀ ସ୍ୱାଇଁ, ଆଡ୍‌ଭୋକେଟ ଅଭୟ ବୀର, ଆଡ୍‌ଭୋକେଟ ଶିବପ୍ରସାଦ ପ୍ରଧାନ, ଗୋବର୍ଦ୍ଧନ ବେହେରାଙ୍କ ସମେତ ବ୍ରହ୍ମସମାଜ କର୍ମକର୍ତ୍ତା ଏଥିରେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଶାନ୍ତିଶୃଙ୍ଖଳା ସହ କିପରି ରଥଯାତ୍ରା ସମ୍ପନ୍ନ ହେବ ସେ ନେଇ ଆଲୋଚନା ହୋଇଥିଲା।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ପରିତ୍ୟକ୍ତ କୂଅରେ ପଡ଼ିଥିବା ବଳଦ ଉଦ୍ଧାର

**ଉଲୁଣ୍ଡା, ୨୪।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ସରକାରୀ ପରିତ୍ୟକ୍ତ କୂଅରେ ପଡ଼ିଥିବା ଏକ ବଳଦକୁ ସୋମବାର ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଗ୍ରାମର ଶିବ ଭୋଇଙ୍କ ବଳଦ ଉକ୍ତ କୂଅରେ ପଡ଼ିଯାଇଥିଲା। ଜଣେ ଶିଶୁ ବଳଦ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଦମକଳ ବାହିନୀ ଓଆଇସି ଭରତଲାଲ ଏକ୍କାଙ୍କ ନେତୃତ୍ୱରେ ବଳଦକୁ ସୁରକ୍ଷିତ ଉଦ୍ଧାର କରିଥିଲେ।

### ଘନଘନ ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ଖପ୍ରାଖୋଲ, ୨୪।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ସେବାରେ ବିଭ୍ରାଟ ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ସ୍ଥିତିରେ ସୁଧାର ନ ଆସିଲେ ଏହା ଜନ ଆନ୍ଦୋଳନର ରୂପ ନେବା ସମ୍ଭାବନ ଦେଖାଦେଇଛି। ଅଳ୍ପ ପବନ କିମ୍ବା ବର୍ଷା ହେଲେ ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଉଛି। ହେଲେ କାଳବୈଶାଖୀ ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଥିବା ବିଭାଗ ସଫେଇ ଦେଇଛି। ଖପ୍ରାଖୋଲ ସେକ୍ସନ ଅଫିସର ପବିତ୍ର ବିଶ୍ୱାଳଙ୍କୁ ପଚାରିବାରୁ ଆବଶ୍ୟକଠାରୁ କମ୍ କର୍ମଚାରୀ ଓ କାଳ ବୈଶାଖୀ ଯୋଗୁଁ ସମସ୍ୟା ଦେଖାଦେଇଛି। ତଥାପି ଯୋତିକି କର୍ମଚାରୀ ଅଛନ୍ତି ତାହାରି ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଚେଷ୍ଟା କରୁଛୁ ବୋଲି ପ୍ରକାଶ କରିଛନ୍ତି।

### ବୌଦ୍ଧରେ ନୂତନ ଜିଲାପାଳଙ୍କ ଯୋଗଦାନ

**ବୌଦ୍ଧ,୨୪।୬(ସ୍ୱ.ପ୍ର):** ବୌଦ୍ଧର ନୂତନ ଜିଲାପାଳ ଭାବେ ଲଲାଟେନ୍ଦୁ ମିଶ୍ର ସୋମବାର ଯୋଗଦାନ କରିଛନ୍ତି। ଜିଲାପାଳ ମିଶ୍ର ଅତିରିକ୍ତ ଜିଲାପାଳ ସେଠୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି। ପରେ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଏକ ବୈଠକ ଡାକି ଜିଲାର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହିତ ଜିଲାର ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### କ୍ରିକେଟ ଆସୋସିଏଶନ୍‌ର ବାର୍ଷିକ ବୈଠକ

**ବୌଦ୍ଧ,୨୪।୬(ସ୍ୱ.ପ୍ର):** ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଗଳ କିଶୋର ସାମଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନର ସମ୍ପାଦକ ଲମ୍ବୋଦର ପୁରୋହିତ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସିଂ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଜିଲାରେ କ୍ରିକେଟ ଦକ୍ଷତା ବୃଦ୍ଧି ପାଇଁ କୋଚ୍ ଏବଂ ଟ୍ରେନର ନିଯୁକ୍ତି ପାଇଁ ବୈଠକରେ ସ୍ଥିର କରାଯାଇଛି। ଆସୋସିଏଶନର ସଦସ୍ୟ ସତ୍ୟବାନ ଶତପଥୀଙ୍କ ବିୟୋଗରେ ବୈଠକରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

### ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା

**ବିନିକା,୨୪।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଜେଏମ୍ଏଫ୍‌ସି ଭାବେ ଯୋଗଦେଇଥିବା ବିଚାରପତି ଜଗଦୀଶ ଚନ୍ଦ୍ର ଜେନାଙ୍କୁ ସୋମବାର ବିନିକା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓକିଲ ସଂଘ ଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦିନଦ୍ୱିପ୍ରହରରେ ରତ୍ନପଥର ଖନନ

- ଚାଲାଣବେଳେ ୨ ଟ୍ରାକ୍ଟର ଜବତ
- ପୋଲିସର ଅବହେଳାରୁ ଜେସିବି ଫେରାର
- .ଘଟଣାସ୍ଥଳରେ ଜାରି ହୋଇଛି ୧୪୪ ଧାରା

**ଅମରପାଲି, ୨୪।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନ ଗୋପପାଲି ମୌଜାରେ ଘରୋଇ ମାଲିକାନାରେ ଥିବା ଏକ ଜମି ଏବେ ରତ୍ନପଥର ଖଣି ପାଲଟିଛି। ସମ୍ପୃକ୍ତ ଜମି ମାଲିକଙ୍କ ଅଭିଯୋଗ ଏବଂ ପୋଲିସ ରିପୋର୍ଟ ଆଧାରରେ ଗତ ୮ତାରିଖରେ ପ୍ରଶାସନ ଉକ୍ତ ସ୍ଥାନରେ ନିଷେଧାଦେଶ ଜାରି କରିଛି। ନିଷେଧାଦେଶ ବଳବତ୍ତର ଥିବା ସତ୍ତ୍ୱେ ଲୋକେ ରତ୍ନପଥର ପାଇବା ମୋହରେ ଆଇନକୁ ଭ୍ରୁକ୍ଷେପ କରୁନାହାନ୍ତି। ସୋମବାର ସମ୍ପୃକ୍ତ ସ୍ଥାନରୁ ଦିନ ଦ୍ୱିପ୍ରହରରେ ରତ୍ନପଥର ଖନନ ବେଳେ ପୋଲିସ ୨ଟି ଟ୍ରାକ୍ଟର ଜବତ କରିଛି। ତେବେ ପୋଲିସର ଅସାବଧାନ ଯୋଗୁଁ ରତ୍ନପଥର ଖୋଳୁଥିବା ଜେସିବିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ଗୋପପାଲିଠାରେ ଥିବା ରତ୍ନପଥର ମିଳୁଥିବା ସ୍ଥଳରେ ୧୪୪ଧାରା ଲାଗୁ ପରଠାରୁ ପୋଲିସ ପ୍ରତ୍ୟହ ରାଉଣ୍ଡରେ ଉକ୍ତ ଅଞ୍ଚଳକୁ ଆସଛି। ହେଲେ ସୁବିଧା ସୁଯୋଗ ଦେଖି ଲୋକେ ପ୍ରତ୍ୟହ ରତ୍ନପଥର ଲୁଟ୍ କରୁଛନ୍ତି। ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ଗୋଟିଏ ଜେସିବି ଓ ୬ଟି ଟ୍ରାକ୍ଟରରେ ରତ୍ନପଥର ଚାଲାଣ ହେଉଥିଲା। ଜମି ମାଲିକ ରତ୍ନପଥର ଲୁଟ୍‌କାରୀଙ୍କୁ ମନା କରିଥିଲେ ମଧ୍ୟ ସେମାନେ ତାକୁ ଖାତିର ନକରି ଟ୍ରାକ୍ଟରରେ ରତ୍ନପଥର ଥିବା ମାଟିକୁ ଲୋଡ କରିଥିଲେ। ଖବର ପାଇ ବୀରମହାରାଜପୁର ପୋଲିସ ଏଏସଆଇ ସରୋଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତିକି ବେଳକୁ ୪ଟି ଟ୍ରାକ୍ଟରରେ ରତ୍ନପଥର ଥିବା ମାଟି ନେଇ ଯାଇ ସାରିଥିଲା। ପୋଲିସ ରତ୍ନପଥର ମିଶିଥିବା ମାଟି ବୋଝେଇ ୨ଟି ଟ୍ରାକ୍ଟର ଓ ଜେସିବିକୁ ଜବତ କରିଥିଲା। ମାତ୍ର ଗାଡିଗୁଡିକୁ ଥାନାକୁ ଆଣିବା ବେଳେ ବାଟରୁ ଜେସିବିଟି ଫେରାର ହୋଇଯାଇଛି। ଉକ୍ତ ଖଣିରୁ ରତ୍ନପଥର ବାହାରିବା ପରେ ଅଞ୍ଚଳର ଶତାଧିକ ଲୋକ ଆସି ରତ୍ନପଥର ଖନନ କରୁଛନ୍ତି। ଅତର୍କିତ ଚଢ଼ାଉ କରି ବୀରମହାରାଜପୁର ପୋଲିସ ପୂର୍ବରୁ ୨ଟି ବାଇକ ଓ ୨୨ଟି ସାଇକେଲ ମଧ୍ୟ ଜବତ କରିଥିଲା। ତଥାପି ଲୁଟେରା ପ୍ରତ୍ୟହ ଆସି ରତ୍ନପଥର ଲୁଟ୍ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଏଏସଆଇ ସରୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ୨ଟି ଟ୍ରାକ୍ଟର ଜବତ ହୋଇଥିବା କହିଛନ୍ତି। କମ୍ କର୍ମଚାରୀ ଧରି ଘଟଣାସ୍ଥଳକୁ ଯାଇଥିବାରୁ ବାଟରୁ ଜେସିବିଟି ଫେରାର ହୋଇଯାଇଛି। ଆମେ ଖୁବଶୀଘ୍ର ଜେସିବିକୁ ମଧ୍ୟ ଜବତ କରିବୁ। ମାତ୍ର ସାଧାରଣରେ ଲୋକେ ପୋଲିସର ଉକ୍ତ କାର୍ଯ୍ୟକଳାପକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ପୋଲିସ ଜାଣିଶୁଣି ଜେସିବିକୁ ଛାଡି ଦେଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜବତ ହୋଇଥିବା ଟ୍ରାକ୍ଟରର ନମ୍ବର ହେଲା ଓଡି ୩୧ ଡି– ୯୭୪୭ ଓ ଓଡି ୧୭– ୬୩୫୬। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୧୨୦/୧୯)ରୁଜୁ କରାଯାଇଥିବା ଏଏସଆଇ ସଞ୍ଜିବ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।





ରତ୍ନପଥର ଲୁଟ୍ ବେଳେ ପୋଲିସ ଜବତ କରିଥିବା ୨ଟି ଟ୍ରାକ୍ଟର।

# ମହିଳା ତାତିଲେ, ମଦଭାଟିରେ ଭଙ୍ଗାରୁଜା

## ମଦ ପାଉଚ୍ ନଷ୍ଟ ସହ ଆସବାବପତ୍ର ଜାଳିଦେଲେ

**ତରଭା,୨୪।୬(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ନାରାୟଣପୁର ଦେଶୀ ମଦ ଭାଟିରେ ସୋମବାର ମହିଳାମାନେ ଭଙ୍ଗାରୁଜା କରିଛନ୍ତି। ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ଯୋଗୁଁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ଯୋଗୁଁ ଝିଅ ବୋହୂମାନେ ଘରୁ ବାହାରି ପାରୁ ନାହାନ୍ତି। ଗ୍ରାମର ପୁରୁଷମାନେ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ପୂର୍ବରୁ ନାରାୟଣପୁରର ମହିଳାମାନେ ମଦଭାଟି ବନ୍ଦ ପାଇଁ ଅବକାରୀ ବିଭାଗକୁ ଲିଖିତଭାବେ ଜଣାଇଥିଲେ। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ମଦ ବିକ୍ରି ବନ୍ଦ ପାଇଁ କୌଣସି ପଦକ୍ଷେପ ନେଲେନି। ମଦ ପାଇଁ ଗ୍ରାମର ସୁସ୍ଥ ବାତାବରଣ ନଷ୍ଟ ହେଲା। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ୫୦ରୁ ଉର୍ଦ୍ଧ୍ୱ ମହିଳା ମଦଭାଟିରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଭାଟିରେ ଗଛିତ ଥିବା ୨ ହଜାରରୁ ଉର୍ଦ୍ଧ୍ୱ ମଦ ପାଉଚ୍ ନଷ୍ଟ କରିବା ସହ ପୋଷାକ ଓ ଆସବାବପତ୍ର ଠୁଳ କରି ମହିଳାମାନେ ନିଆଁ ଲଗାଇ ଦେଇଛନ୍ତି। ମଦ ଭାଟି ବନ୍ଦ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଭାଟି ପରିଚାଳକ ରାମନାରାୟଣ ତିୱାରୀ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା (ନଂ.୯୩/୧୯)ରୁଜୁ ହୋଇଛି। ମେଣ୍ଡା ଫାଣ୍ଡି ଅଧିକାରୀ ନବୀନ କୁମାର ସାହୁ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ଡୋଳାମଣି ଭୋଇ କହିଛନ୍ତି।



ଶିଶୁକନ୍ୟାଙ୍କୁ ଜିଲାପାଳ ହସ୍ତାନ୍ତର କରୁଛନ୍ତି।

# ପଦ୍ମାବତୀଙ୍କୁ ଗ୍ରହଣ କଲେ କଲିକତାର ଦମ୍ପତି

**ସୋନପୁର,୨୪।୬(ନି.ପ୍ର.)**

ସୁବର୍ଣ୍ଣପୁରର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରହୁଥିବା ୬ ମାସର ଶିଶୁ କନ୍ୟା(ପଦ୍ମାବତୀ)ଙ୍କୁ କଲିକତାର ଚନ୍ଦନ ନଗରରେ ରହୁଥିବା ଦମ୍ପତି ସୋମବାର ଗ୍ରହଣ କରିଛନ୍ତି। ଏହି ଶିଶୁକୁ ଜିଲାପାଳ ମଧୁସୂଦନ ମିଶ୍ର ପ୍ରଦାନ କରିଥିଲେ। ଏହି ଶିଶୁ କନ୍ୟାକୁ ଗତ ଜାନୁୟାରୀ ୩ ତାରିଖରେ ଉଦ୍ଧାର କରା ଯାଇଥିଲା। ସଦ୍ୟଜାତ ଶିଶୁକନ୍ୟାକୁ ତାର ମା' ବୌଦ୍ଧ ଜିଲା ୫୭ ନଂ ଜାତୀୟ ରାଜପଥର ବିଲେଇଘାଇ ପୋଲ ତଳେ ରଖି ଚାଲି ଯାଇଥିଲେ। ବୌଦ୍ଧ ଜିଲା ଶିଶୁ ମଙ୍ଗଳ ସମିତି ଶିଶୁକନ୍ୟାକୁ ଗତ ଜାନୁୟାରୀ ୧୨ତାରିଖରେ ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନା କରିଥିଲେ। ସେବେଠାରୁ ପଦ୍ମାବତୀ ସାରେ ରହୁଥିଲା। ଆଇନଗତ ପ୍ରକ୍ରିୟା ସରିବା ପରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଘୋଷଣା କରାଯାଇଥିଲା। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ହସ୍ତାନ୍ତର କାର୍ଯ୍ୟକ୍ରମ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ମଙ୍ଗଳ ସମିତିର ସଭ୍ୟ ମଧୁସୂଦନ ପ୍ରଧାନ, ଦିଲ୍ଲିପ ମୁଖି, ସାର ସଂଯୋଜକ ତ୍ରିନାଥ ସାହୁ, ଆଇନଜୀବୀ ହେମନ୍ତ ସା, ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ ଓ ଆଇନ ଅଧିକାରୀ କେଶବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ମହିଳା କଲେଜ: କଳାରେ ପାସ୍ ହାର ୮୯.୨୫

**ବୌଦ୍ଧ,୨୪।୬(ସ୍ୱ.ପ୍ର)**

ବୌଦ୍ଧ ମହିଳା ମହାବିଦ୍ୟାଳୟର (କନିଷ୍ଠ) ଯୁକ୍ତ ଦୁଇ କଳାରେ ୮୯.୨୫ ପ୍ରତିଶତ ପାସ୍‌ହାର ରହିଛି। ଗତବର୍ଷ ତୁଳନାରେ ଏବର୍ଷ ପାଶ୍ ହାର ବୃଦ୍ଧି ଘଟିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନ୍ଦ୍ର ନାଥ ଗୁରୁଙ୍କ ସୁଚନା ମୁତାବକ ମହାବିଦ୍ୟାଳୟରେ କଳାରେ ୧୨୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ୨୨ ଜଣ ପ୍ରଥମ ଶ୍ରେଣୀ, ୨୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୦ ଜଣ ତୃତୀୟ ଶ୍ରେଣୀରେ ପାଶ କରିଛନ୍ତି। ଛାତ୍ରୀ ସୁମତି ପଢିହାରୀ ଓ ସୁଦୀପ୍ତିକା ମହାକୁଳ ଯୁଗ୍ମ ଭାବେ ୪୫୪ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି।

### ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ

**ଡୁଙ୍ଗୁରିପାଲି, ୨୪।୬(ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘର ଜରୁରୀକାଳୀନ ବୈଠକ ଏସ୍‌ସି. ଏସ୍‌ଟି ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏପରିକି ଏମ୍ଇ ସେକ୍ସନର ଶିକ୍ଷକମାନଙ୍କର ଦୁଇ ମାସର ଦରମା ନ ମିଳିବା, ଶିକ୍ଷା ସହାୟକଙ୍କର ୩ ମାସର ଦରମା ଏବଂ ଏକ୍ସକ୍ୟାଡର ଶିକ୍ଷକଙ୍କ ୩ ମାସର ଦରମା ହୋଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବି ଉପେକ୍ଷା କରାଗଲେ ମହାସଂଘ ଚରମ ପଦକ୍ଷେପ ନିଆଯାଇଥିବା ନିଷ୍ପତ୍ତି ହୋଇଥିବା ସଂଘ ସଭାପତି ଶିବ ପ୍ରସାଦ ରଣା ପ୍ରକାଶ କରିଛନ୍ତି। ଏହି ବୈଠକରେ ସଂଘର ସମ୍ପାଦକ କୃପାସିନ୍ଧୁ ହରିପାଲ, ରେଖାରାମ ବାଗ, କୁଶ ନନ୍ଦ, ଶ୍ରୀକାନ୍ତ ବାରିକ, ସୁରେଶ ପୂଜାରୀ ଓ ସଂଘର ଆଇନ ପରାମର୍ଶଦାତା ସୁବାଷ ଚନ୍ଦ୍ର ଭୋଇ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ସରକାରୀ ଅଧିକାରୀ।

# ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୪।୬(ସ୍ୱ.ପ୍ର)**

ବୌଦ୍ଧ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ନବନିଯୁକ୍ତ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହିତ ଏହି ଯାତ୍ରା ସମ୍ପନ୍ନ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ରଥ ମରାମତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ଥିବା ବେଳେ ମାଉସୀ ମା' ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ମାଉସୀ ମା ଓ ଜଗନ୍ନାଥ ମନ୍ଦିର ପରିସରରୁ ଜବରଦଖଲ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଠାକୁରମାନଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନର ନୀତିକାନ୍ତ, ପହଣ୍ଡି ନିର୍ଦ୍ଧାରିତ ସମୟରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯାତ୍ରା ସମୟରେ ପାନୀୟ ଜଳଯୋଗାଣ, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସେବା ଓ ସହରର ପରିମଳ ବ୍ୟବସ୍ଥା ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁଙ୍କ ସମେତ ଅନୁଷ୍ଠାନର ପ୍ରତିନିଧି ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ ନେଇ ଦିଲ୍ଲୀରେ ଆଲୋଚନାଚକ୍ର

**ସୋନପୁର,୨୪।୬(ନି.ପ୍ର.)**

ଦିଲୀର କରୋଲବାଗସ୍ଥିତ ଡବ୍ଲୁଇଏ କେନ୍ଦ୍ରରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋସଲ ହେରିଟେଜ୍ ଟ୍ରଷ୍ଟ ଆନୁକୂଲ୍ୟରେ ପଶ୍ଚିମ ଓଡିଶାବାସୀକର ମାତୃଭାଷାକେ ସାମ୍ବିଧାନିକ ମାନ୍ୟତା ମିଲବାର ଉଚିତ୍ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୱାର୍ଲଡ ଫୋକସର ପରିଚାଳନା ସମ୍ପାଦକ ଭବାନୀ ଶଙ୍କର ଦୀକ୍ଷିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୋଚକମାନେ ପଶ୍ଚିମ ଓଡିଶାବାସୀଙ୍କର ମାତୃଭାଷା ପ୍ରତି ଅଣଦେଖା, କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ନ ଦେଇ ୨୦୧୪ ମସିହାରୁ ଶୀତଳ ଭଣ୍ଡାରରେ ପକାଇ ରଖିଥିବାରୁ କେନ୍ଦ୍ର ସରକାରଙ୍କ ବିରୋଧରେ ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ପଶ୍ଚିମ ଓଡିଶାର କୋମଳମତି ଶିଶୁମାନେ ପ୍ରାଥମିକସ୍ତରରେ ନିଜ ମାତୃଭାଷାରେ ପାଠ ପଢିବାକୁ ସୁଯୋଗ ପାଉନାହାନ୍ତି। ସେମାନଙ୍କର ବୌଦ୍ଧିକ ବିକାଶ ଠିକ୍ ଭାବେ ହୋଇ ପାରୁନାହିଁ। ମାନବ ସମ୍ବଳ, ପ୍ରାକୃତିକ ସମ୍ବଳର ସୁରକ୍ଷା ଓ ସମୃଦ୍ଧି ସକାଶେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏକାନ୍ତ ଅପରିହାର୍ଯ୍ୟ ବୋଲି ବକ୍ତାମାନେ ମତ ଦେଇଥିଲେ। ଶ୍ରେଷ୍ଠ ସମ୍ବଳ ହେଉଛି ଭାଷା ଓ ସଂସ୍କୃତି। ଯାହା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସର ପରିକଳ୍ପନା କ୍ଷୁଦ୍ର ରାଜ୍ୟ ଗଠନ ବିନା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଡ. ସଞ୍ଜିବ ପଟ୍ଟଯୋଶୀ ମୁଖ୍ୟ ଅତିଥି ଓ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ପଶ୍ଚିମ ଓଡିଶାବାସୀଙ୍କ ମାତୃଭାଷା ଓ ସ୍ୱତନ୍ତ୍ର ପ୍ରଦେଶର ସାମ୍ବିଧାନିକ ମାନ୍ୟତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ସଂଗଠକ ବାସୁଦେବ ତ୍ରିପାଠୀ ଆଲୋଚନାଚକ୍ରର ସଂଯୋଜନା କରିଥିଲେ। ବିଜୟାନନ୍ଦ ନାଏକ, ବିଜୟ ପ୍ରକାଶ ମିଶ୍ର, ଅନୁପମ ମିଶ୍ର, କୁଳମଣି ବାରିକ ଓ ରାଜ ସାହୁ ସମ୍ମାନିତ ବକ୍ତାଭାବେ ନିଜ ନିଜ ମତପ୍ରକାଶ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଫଟୋରେ ଖବର





ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌଡଗୋଠ ଗାଁରେ କୁଚିଆ ମଦ ଓ ଭାଟି ବନ୍ଦ କରିବା ଦାବିରେ ସୋମବାର ବାହାରିଥିବା ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି (ବାମ)। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ କାର୍ଯ୍ୟାଳୟରେ ରଥଯାତ୍ରା ମହୋତ୍ସବ ପାଇଁ ଅନୁଷ୍ଠିତ ଦେବୋତ୍ତର ପରାମର୍ଶଦାତା କମିଟି ବୈଠକ।

# ପୁଣି ଫୁଟିଲା ଗୁଳି, ଜଣେ ଗୁରୁତର

**ବ୍ରଜରାଜନଗର,୨୪।୬(ଡି.ଏନ୍.ଏ.)**

କିଛିଦିନ ବ୍ୟବଧାନରେ ବ୍ରଜରାଜନଗରରେ ସୋମବାର ପୁଣି ଗୁଳି ଫୁଟିଛି। ଗୁଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣାର ୧୫ ଦିନ ମଧ୍ୟରେ ସୋମବାର ରାତି ସାଢ଼େ ୮ଟାରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡଠାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କ ନାମ ଅମିତ ଧଳ। ଦୁର୍ବୃତ୍ତମାନେ ତାଙ୍କୁ ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଅମିତଙ୍କ ପେଟ ଏବଂ ଆଉ ଗୋଟିଏ ଡାହାଣ ପଟ ଛାତିରେ ବାଜିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳିଆ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅମିତ ତାଙ୍କ ଅଫିସ ସମ୍ମୁଖରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ଏହି ସମୟରେ ୨ଜଣ ଯୁବକ ଆସି ଭେୟା ନମସ୍ତେ ବୋଲି କହିବା ସହ ଗୁଳିମାଡ଼ କରିଥିଲେ। ଅମିତଙ୍କ ଶରୀରରେ ଦୁଇଟି ଗୁଳି ବାଜିବା ସତ୍ତ୍ୱେ ସେ ସାହସ ଦେଖାଇ ଦୁର୍ବୃତ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ବନ୍ଧୁକ ଛଡ଼ାଇ ରଖିବାରେ ସକ୍ଷମ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତ ଦ୍ୱୟ ଶୌଚାଳୟ ଗଳି ଦେଇ ଦୌଡ଼ି ପଳାଇବାରେ ସକ୍ଷମ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଜବତ କରି ତଦନ୍ତ ଆରମ୍ଭ କରିଛି।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

-ଡାୟୋଜିନିସ୍

# ଧାନ ପାଇଁ ତେଜିଲା ଚାଷୀ ଆନ୍ଦୋଳନ

## ମଣ୍ଡିରୁ ଉଠୁନି ଧାନ, ଧାରଣାରେ ଚାଷୀ



ଜିଲାପାଳ ଅଫିସରେ ରେଶମ ଅଞ୍ଚଳର ଚାଷୀଙ୍କ ବିକ୍ଷୋଭ ।

**ବରଗଡ଼ ଅଫିସ୍,୨୪।୬**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ବିତି ଯାଇଛି । ତଥାପି ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥିତ ହୋଇପାରି ନାହିଁ । ମଣ୍ଡିକୁ ଧାନ ଆସୁଛି। ମାତ୍ର ଯେଉଁ ଅନୁପାତରେ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ହେଉଛି, ତାକୁ ସେହି ଅନୁପାତରେ ଉଠାଯାଉନାହିଁ। ଅନ୍ୟପଟେ କେତେକ ମଣ୍ଡି ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ କଟକଣା ଆରମ୍ଭ ହୋଇଯାଇଛି । କେତେକ ମଣ୍ଡିକୁ ନିକଟସ୍ଥ ମାର୍କେଟ୍ ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସବୁଦିନ ବଦଳରେ ସପ୍ତାହର ପ୍ରଥମ ତିନିଦିନ କେବଳ ମଣ୍ଡିରେ ଧାନ ସଂଗ୍ରହ ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଆହୁରି ଜଟିଳ ହୋଇ ପଡ଼ିଛି । ଅପରପକ୍ଷେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲୁ ନ ଥିବା ଯୋଗୁ ସେଠାକାର ଅମଳ ଧାନ ବରଗଡ଼ ଜିଲାକୁ ଆସି ବିଭିନ୍ନ ରାଇସ ମିଲରେ ଭର୍ତ୍ତି ହେଉଛି । ତାକୁ ଫଲ୍ସ ଏଣ୍ଟ୍ରି କରି ଏବେ ଟାର୍ଗେଟ୍ ତଥା ଆଲଟମେଣ୍ଟ ଆଳ ଦେଖାଇ ଜିଲାର ଚାଷୀଙ୍କ ଅମଳ ଧାନ ଉଠାଇବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲାବ୍ୟାପୀ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି ଏବଂ ଏହି ଅସନ୍ତୋଷରୁ ଆନ୍ଦୋଳନ ତେଜି ଉଠିଛି ।

## ସିଏସଓ ଅଫିସରେ ତାଲା ପକାଇଲେ ଚାଷୀ

**ବରଗଡ଼ ଅଫିସ୍,୨୪।୬**

ବରଗଡ଼ ଜିଲାର ଅତାବିରା ଆରଏମସି ରେଶମ ମଣ୍ଡିରେ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ରହିଛି। ଏଭଳି ଅଭିଯୋଗ ନେଇ ସୋମବାର ଅଞ୍ଚଳର ଚାଷୀମାନେ ଜିଲାପାଳ ଅଫିସ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଚାଷୀମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟିଥିଲେ। ମାତ୍ର ଧାନ ଉଠାଣ ନେଇ ଅତିରିକ୍ତ ଜିଲାପାଳଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ ଏବଂ ଚାଷୀମାନେ ସିଧାସଳଖ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସକୁ ଯାଇଥିଲେ। ସେଠାରେ ସିଏସଓଙ୍କ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ସୋମବାର ସୁଦ୍ଧା ମଣ୍ଡିରେ ୪୬୮୧ ପ୍ୟାକେଟ୍ ଧାନ ପଡ଼ିଥିବା କାଗଜପତ୍ରରେ ଉଲ୍ଲେଖ ରହିଛି । ମାତ୍ର ଚାଷୀମାନେ ଆହୁରି ଅଧିକ ଅର୍ଥାତ୍ ୧୮ହଜାର ୬୧୯ ବସ୍ତା ଧାନ ସେହି ମଣ୍ଡିର ଖୋଲା ଆକାଶ ତଳେ ରଖିଥିବା ସତ୍ତ୍ୱେ ତାହା ଉଠାଇବା ତ ଦୂରର କଥା, ତାକୁ କାଗଜପତ୍ରରେ ମଧ୍ୟ ଉଲ୍ଲେଖ କରି ନ ଥିବା ଅଭିଯୋଗ କରିଛନ୍ତି । ସିଏସଓ ଶ୍ରୀକର ମାଝି ଓ ପୋଲିସ ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ସିଏସଓ ମାଝି ଆସନ୍ତା ୨୭ ତାରିଖ ସୁଦ୍ଧା ଧାନ ଉଠାଣ କରାଯିବା ନେଇ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।



ରେଶମ ଅଞ୍ଚଳର ଚାଷୀଙ୍କ ସହିତ ସିଏସଓ ଏବଂ ପୋଲିସର ଆଲୋଚନା ।

## ମଣ୍ଡିରେ ୟାର୍ଡ଼ ଇନଚାର୍ଜଙ୍କୁ ଅଟକ




ଗୌରଟିକ୍ରା ମଣ୍ଡିରେ ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସରଣ୍ଡା,୨୪।୬(ଡି.ଏନ.ଏ)**

ଅତାବିରା ଆରଏମସି ଅଧୀନ ଗୌରଟିକ୍ରା ମଣ୍ଡିରେ ଧାନ ସଂଗ୍ରହ ବନ୍ଦ କରିବା ନେଇ ଆନ୍ଦୋଳନ ଜୋର୍ ଧରିଛି। ଅଞ୍ଚଳର ଚାଷୀମାନେ ସୋମବାର ଉକ୍ତ ମଣ୍ଡିକୁ ଆସି ତାଲା ପକାଇ ଦେଇଛନ୍ତି। ଏହି ସମୟରେ ମଣ୍ଡି ଭିତରେ ୟାର୍ଡ଼ ଇନଚାର୍ଜ ଜୈମିନୀ ଦାଶ ଥିଲେ । ତେବେ ରାତ୍ରି ପ୍ରାୟ ୮ଟା ୫୦ରେ ଯୋଗାଣ ଓ ସମବାୟ ଅଧିକାରୀମାନେ ଧାନ ସଂଗ୍ରହ ଓ ଉଠାଣ ନେଇ ଫୋନ ଯୋଗେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ତାଲା ଖୋଲିଥିଲେ ଏବଂ ୟାର୍ଡ଼ ଇନଚାର୍ଜ ମୁକ୍ତ ହୋଇଥିଲେ । ଚାଷୀମାନେ ଅଭିଯୋଗ କରିଛନ୍ତି, ଗତ ୫ ଦିନ ହେଲା ଗୌରଟିକ୍ରା ମଣ୍ଡିକୁ ଚାଷୀମାନେ ଧାନ ଆଣିଲେ ତାକୁ ମଣ୍ଡି ଭିତରକୁ ପୂରାଇ ଦିଆଯାଉନାହିଁ । ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ଗତ ୧୮ତାରିଖରେ ଚାଷୀଙ୍କ ଧାନକୁ ୟାର୍ଡ଼ ଇନଚାର୍ଜ ଦାଶ ଗ୍ରହଣ କରି ନ ଥିଲେ । ତେବେ ଏହି ମଣ୍ଡି ଉପରେ ଗୌରଟିକ୍ରା, ସିଲେଟ, ସହରାଟିକ୍ରା, ଡୁମ୍ବେରମୁଣ୍ଡା, ନୂଆ ବାଟିମୁଣ୍ଡା, ପୁଟପୁଟପାଲି ଅଞ୍ଚଳର ଚାଷୀମାନେ ନିର୍ଭର କରି ଆସୁଥିବାବେଳେ ଏପର୍ଯ୍ୟନ୍ତ ସବୁ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଏହାସତ୍ତ୍ୱେ ମଣ୍ଡିରେ ଧାନ ସଂଗ୍ରହକୁ ବନ୍ଦ ଯୋଗୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ବୋଝେଇ କାର୍ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୨୪।୬

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ସୋମବାର ଗଞ୍ଜେଇ ବୋଝେଇ ଏକ କାର୍ (ନଂ.ଓଆର୦୨ଏଏସ/୩୬୧୧)କୁ ଜବତ କରିଛି । ଏହା ସହିତ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ରାହୁଲ ଦିଗଲଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ଏକ ମାମଲା(ନଂ.୬୬/୧୯) ରୁଜୁ ହୋଇଛି ।

### ଛୁରାମାଡ଼ରେ ଯୁବକ ଗୁରୁତର

ଭଟଲି,୨୪।୬(ଡି.ଏନ.ଏ)

ଭଟଲି ଥାନା ଅନ୍ତର୍ଗତ ରସାଲି ଗ୍ରାମରେ ରବିବାର ବିଳମ୍ବିତ ରାତ୍ରିରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଛୁରାମାଡ଼ରେ ଆହତ ଯୁବକ ଜଣକ ଗ୍ରାମର ବାବୁଲୁ ଭୋଇ (୨୨) ବୋଲି ଜଣାପଡ଼ିଛି । ଆହତ ବାବୁଲୁଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲକୁ ନେଇ ଭର୍ତ୍ତି କରିଛନ୍ତି । ଏ ନେଇ ଭଟଲି ପୋଲିସ ଏକ ମାମଲା( ନଂ.୧୧୯/୧୯) ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ଗ୍ରାମର ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

### ସରସରା ପ୍ୟାକ୍ସରୁ ଚୋରି ଅଭିଯୋଗ

ବରଗଡ଼ ଅଫିସ୍,୨୪।୬

ବରଗଡ଼ ଜିଲା ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରୁ ସୋମବାର ରତିରେ କମ୍ପ୍ୟୁଟର, ଲାପଟପ୍ ଆଦି ଚୋରି ହୋଇଛି । ଏ ନେଇ ଅଭିଯୋଗ ପାଇବା ପରେ ବରଗଡ଼ ସଦର ଥାନା ପୋଲିସ ତନାଘନା ଆରମ୍ଭ କରିଛି । ଚୋରମାନେ ସମିତିର ଆଜବେଷ୍ଟସ ଭାଙ୍ଗି ଭିତରକୁ ପଶି ସେସବୁ ଚୋରି କରି ନେଇଥିବା ସୂଚନା ମିଳିଛି । ତେବେ ବର୍ତ୍ତମାନ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ସେଥିପାଇଁ ଉଦ୍ଦିଷ୍ଟ ଲାପଟପ୍ ଏବଂ କମ୍ପ୍ୟୁଟର ଚୋରି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

### ସୁସ୍ଥ ହେଲେ ୨୬ ଝାଡ଼ାବାନ୍ତି ଆକ୍ରାନ୍ତ

ପାଇକମାଳ, ୨୪।୬ (ଡି.ଏନ.ଏ)

ପାଇକମାଳ ବ୍ଲକ ଭେଙ୍ଗରାଜପୁର ଗ୍ରାମର ଉପରପଡାରେ ରବିବାର ଏକୋଶିଆ ଭୋଜି ଖାଇ ୩୦ଜଣରୁ ଊର୍ଦ୍ଧ୍ୱ ଶିଶୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ସେମାନଙ୍କ ମଧ୍ୟରୁ ୨୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରିୟଙ୍କା କାରେ, ରିତେଶ ସାହୁ, ଶୀତଳ ବାଗ ଓ ଭ୍ରମର ରଣାଙ୍କ ୨ବର୍ଷର ଝିଅ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷେ ବୁକୁରାମୁଣ୍ଡା ସିଏଚସିର ପିଏଚଓ ରବି ଦାସ ସୋମବାର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ବରଗଡ ପଠାଇଛନ୍ତି ।

■ ବର୍ଷାରେ ଘର ଭାଙ୍ଗିବା ବର୍ଷେ ବିତିଲା

## ହିତାଧିକାରୀଙ୍କୁ ମିଳିନି ଆବାସ ଗୃହ

### ତାତିରେ ସିଝିଥିଲେ, ଏବେ ବର୍ଷାରେ ଭିଜିବେ

**ଅତାବିରା, ୨୪।୬ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଶାନ୍ତି ସେଟଙ୍କ ଘର ଗତବର୍ଷ ବର୍ଷାରେ ଭାଙ୍ଗିଯାଇଥିଲେ ମଧ୍ୟ ଏଯାଏ ତାଙ୍କୁ ଆବାସ ଗୃହ ମିଳିନାହିଁ । ପ୍ରଶାସନିକ ଅଧିକାରୀ ଓ ରାଜନେତା ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ଗତବର୍ଷ ଲଗାଣ ବର୍ଷାରେ ଶାନ୍ତିଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ସେତେବେଳେ ସ୍ଥାନୀୟ ସରପଞ୍ଚ, ରାଜସ୍ୱ ନିରୀକ୍ଷକ, ମନ୍ତ୍ରୀ ଉଦେପୁରକୁ ଆସି ଉକ୍ତ ପରିବରକୁ ଏକ ବିଜୁ ପକ୍କା ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ବର୍ଷେ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ଆବାସ ଗୃହ କି ଆର୍ଥିକ ସହାୟତା ରାଶି ମିଳିପାରିନି । ଘର ନ ଥିବାରୁ ତାଙ୍କ ପରିବାର ତାତିରେ ସିଝିଥିଲେ ଏବେ ବର୍ଷାରେ ଭିଜିବେ । ବର୍ଷା ଆସୁଥିବାରୁ ଶାନ୍ତି କଚ୍ଚା ମାଟି ଘରକୁ ସୋମବାର ପୁଣି ସଜାଡୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଦେଶଭଟିଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାଶଙ୍କୁ ପଚରାଯିବାରୁ ଲିଷ୍ଟରେ ନାମ ଥିଲେ ଆବାସ ଗୃହ ସର୍ଭେ ପରେ ଦିଆଯାଇ ପାରିବ ବୋଲି କହିଥିଲେ। ଭେଡେନ ବିଡିଓ ମୁରଲିଧର ନାୟକଙ୍କୁ ପଚରାଯିବାରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଭାଙ୍ଗିଯାଇଥିବା ଘରକୁ ସଜଡାଯାଉଛି ।

■ ଭେଡ଼େନରେ ବିଦ୍ୟୁତ୍ ସମସ୍ୟା

## ସାମାନ୍ୟ ବର୍ଷା ପବନରେ କଟିଯାଉଛି ଲାଇନ

**ଭେଡ଼େନ, ୨୪।୬(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ହେଡ଼କ୍ୱାର୍ଟର ଭେଡ଼େନରେ ସବୁବେଳେ ବିଦ୍ୟୁତ ସମସ୍ୟା ଲାଗି ରହୁଛି । ଗତ ଏକ ମାସ ହେବ ଏହି ସମସ୍ୟା ଆହୁରି ବଢ଼ିଯାଇଛି । ସନ୍ଧ୍ୟାରେ ସାମାନ୍ୟ ବର୍ଷା ପବନ ହେଲେ ଲାଇନ ଚାଲିଯାଉଛି । ଥରେ ଲାଇନ ଗଲେ କେବେ ଆସିବ ତାହା କହିବା ସମ୍ଭବ ହେଉନାହିଁ। ଏପରିକି ରାତିସାରା ଲାଇନ ଆସୁନାହିଁ। ଭେଡ଼େନରେ ସବଡ଼ିଭିଜନ ଅଫିସ ଥିଲେ ମଧ ଏପରି ଅବ୍ୟବସ୍ଥା ଲାଗି ରହିଛି। ଏପରିକି ଏହି ବ୍ଲକର ଥୁଆପାଲି, ଲୁପୁରସିଂହା, ତେନ୍ତୁଲିଟିକ୍ରା ଆଦି ଅଞ୍ଚଳରେ ଲାଇନ ଥିବା ସତ୍ତ୍ୱେ ଭେଡ଼େନରେ ଲାଇନ ରହୁନାହିଁ । କେବଳ ସେତିକି ନୁହଁ ବ୍ଲକର ଅନେକ ସ୍ଥାନରେ ଅତ୍ୟନ୍ତ ବିପଦଶଙ୍କୁଳ ଭାବେ ବିଦ୍ୟୁତ ଖୁଣ୍ଟମାନ ରହିଛି। ଏହାର ମରାମତି ହେଉ ନ ଥିବାରୁ ଯେ କୌଣସି ସମୟରେ ବିପଦ ଆଶଙ୍କା ରହିଛି। ଲୁହାଖଣ୍ଡି ଗ୍ରାମରେ ଏକ ବିଦ୍ୟୁତ ଖୁଣ୍ଟକୁ କାଠ ଭାରା ଦେଇ ରଖାଯାଇଛି। ସେହିପରି ଧୁବେନପାଲିରୁ ବରଗାଁ ଯିବା ରାସ୍ତାରେ ବାଉଁଶ ଖୁଣ୍ଟିରେ ତାର ଓହଳି ରହିଛି । ଏପରି ଅବ୍ୟବସ୍ଥା ଯୋଗୁ ଭେଡ଼େନର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ଏ ସମ୍ପର୍କରେ ଭେଡ଼େନ ବିଦ୍ୟୁତ ବିଭାଗ ଏସଡ଼ିଓ ଚୌଧୁରୀ ଜଗନ୍ନାଥ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଥୁଆପାଲିରୁ ଭେଡ଼େନକୁ ୩୩ କେଭି ଲାଇନ ବାହାଲ ଜମି ମଝିରେ ଆସିଥିବାରୁ ସାମାନ୍ୟ ଫଲ୍ଟ ହେଲେ ତାହା ଜାଣିବା ବିଳମ୍ବ ହେଉଛି । ଭେଡ଼େନ ହେଡ଼କ୍ୱାର୍ଟର ହେଲେ ମଧ ବିଦ୍ୟୁତ ବିଭାଗର ଟେଲ୍ ଏଣ୍ଡରେ ରହିଛି। ତେଣୁ ଯେଉଠି ଫଲ୍ଟ ରହିଲେ ମଧ ଭେଡ଼େନରେ ଲାଇନ ଯାଉଛି । ତଥାପି ତାର ଯେପରି ବେଶି ଝୁଲି ନ ରହିବ ସେ ନେଇ ମଝିରେ ମଝିରେ ନୂତନ ଖୁଣ୍ଟି ଲଗାଉଛୁ । ତାରରେ ଲାଗିଥିବା ଗଛ ମାନ କଟା ହେଉଛି । ଏପରି ସମସ୍ୟା ଆଉ ୭/୮ ଦିନ ମଧ୍ୟରେ ସମାଧାନ ହୋଇପାରେ ବୋଲି ସେ କହିଥିଲେ । ଭେଡ଼େନ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ଲୋକମାନେ ଅଫିସରଙ୍କୁ ଫୋନ ନ କରି ଫ୍ୟୁଜ କଲ ସେଣ୍ଟରର ନମ୍ବର ୮୦୧୮୩୫୭୨୭୮କୁ ଫୋନ କରନ୍ତୁ ବୋଲି କହିଥିଲେ ।



ଲୁହାଖଣ୍ଡି ଗ୍ରାମରେ ବିପଦଶଙ୍କୁଳ ଭାବେ ଏକ ବିଦ୍ୟୁତ ଖୁଣ୍ଟକୁ କାଠ ଢ଼େରାଦେଇ ରଖାଯାଇଛି।



ଧୁବେନପାଲି ବରଗାଁ ରାସ୍ତାରେ ବାଉଁଶ ଖୁଣ୍ଟ ପୋତି ଲାଇନ ତାର ଟଣା ଯାଇଛି ।

**ରାତି ସାରା ଅନ୍ଧାର ରହୁଛି ଭେଡ଼େନ**

- ■ ବିପଦସଙ୍କୁଳ ବହୁ ବିଦ୍ୟୁତ ଖୁଣ୍ଟ
- ■ ହେଡ଼କ୍ୱାର୍ଟରରେ ରହୁ ନାହାନ୍ତି ସେକସନାଲ ଅଫିସର
- ■ ଜନଅସନ୍ତୋଷ ଚରମ ସୀମାରେ

## ଘର ପାଇଁ ବାପଝିଅଙ୍କ ଗୁହାରି

**ବରଗଡ଼ ଅଫିସ୍,୨୪।୬**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଘରଟିଏ ଯୋଗାଇ ଦେବା ପାଇଁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବରା ଗ୍ରାମର ଜଗନ୍ନାଥ ପଧାନ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ବରଗଡ଼ ଜିଲାପଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେ ତାଙ୍କ ଅଫିସରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ସେହି ଯୋଜନାରେ ଘରଟିଏ ମିଳି ପାରିନାହିଁ। ସେ ନିହାତି ଗରୀବ ଏବଂ ରହିବା ପାଇଁ ବାସୋପଯୋଗୀ ଘରଟିଏ ନ ଥିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସେ ଅଭିଯୋଗ କରିଛନ୍ତି । ଫଳରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବାକୁ ଜଗନ୍ନାଥ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଜଗନ୍ନାଥଙ୍କ ସହିତ ତାଙ୍କ ଝିଅ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ ।




ଘର ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ବାପଝିଅ ।

## ସହାୟତା ଆଶାରେ ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଦୋକାନୀମାନେ ।

**ବରଗଡ଼ ଅଫିସ୍,୨୪।୬**

**ଅଗ୍ନିକାଣ୍ଡରେ ଦୋକାନ ପୋଡ଼ି ଘଟଣା**

ବରଗଡ଼ ସହରର ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ପାଖରେ ଥିବା କେତେକ ଦୋକାନ ଗତ ୨୨ତାରିଖ ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡରେ ଜଳିପୋଡ଼ି ଛାରଖାର ହୋଇ ଯାଇଥିଲା । ସୋମବାର କ୍ଷତିଗ୍ରସ୍ତ ଦୋକାନୀମାନେ ସହାୟତା ଆଶାରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟର ଡାକ ସେକ୍ସନରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

କଲ୍ୟାଣ ମଣ୍ଡପ ପାଖରେ ରହିଥିବା ଦୋକାନୀମାନେ ଦୀର୍ଘବର୍ଷ ହେଲା ଦୋକାନ କରି ପରିବାର ପୋଷଣ କରୁଛନ୍ତି । ଦୋକାନ ବାବଦକୁ ସେମାନେ ନିୟମିତ ଟ୍ୟାକ୍ସ ମଧ୍ୟ ଦେଇ ଆସୁଛନ୍ତି । ପୌର କର୍ତ୍ତୃପକ୍ଷ ଲାଇସେନ୍ସ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ମାତ୍ର ଏପର୍ଯ୍ୟନ୍ତ ତାହା ମିଳିପାରିନାହିଁ । ଅନ୍ୟପଟେ କାଠ, ବାଉଁଶରେ କେବିନ ତିଆରି କରି ସେମାନେ ଦୋକାନ ଚଳାଉଛନ୍ତି । ଦୁଇଦିନ ତଳେ ଅଗ୍ନିକାଣ୍ଡ ଯୋଗୁ ଦୁର୍ଯ୍ୟୋଧନ ସାହୁଙ୍କ ଚପଲ ଦୋକାନ, ଅନୁପ କୁମାର ଗୁପ୍ତାଙ୍କ ଚଷମା ଦୋକାନ ଏବଂ କ୍ଷୀରୋଦ୍ର ବିଶିଙ୍କ ଜଳଖିଆ ଦୋକାନ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଏଥିରେ ଦୁର୍ଯ୍ୟୋଧନଙ୍କ ଦୋକାନରେ ରହିଥିବା ଚପଲ, ଜୋତା, ଛତା, ମଶାରୀ ଆଦି ପ୍ରାୟ ୩ଲକ୍ଷ, ଅନୁପଙ୍କ ଦୋକାନର ଚଷମା, ରୁମାଲ, ବେଲ୍ଟ ଆଦି ଦେଢ଼ଲକ୍ଷ ଏବଂ କ୍ଷୀରୋଦ୍ରଙ୍କ ଦୋକାନର ପ୍ରାୟ ୨୦ହଜାର ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସେମାନେ କହିଛନ୍ତି । ଦୋକାନ ଉପରେ ସେମାନଙ୍କ ପରିବାର ନିର୍ଭର କରୁଥିବାବେଳେ ଏବେ ଅଗ୍ନିକାଣ୍ଡ ଯୋଗୁ ଦୋକାନର ସବୁ ସାମଗ୍ରୀ ହରାଇ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିଥିବା ସେମାନେ କହିଛନ୍ତି । ଫଳରେ ସରକାରୀ ସହାୟତା ପ୍ରଦାନ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ଦୋକାନୀଙ୍କ ସମେତ ପଡ଼ୋଶୀ ଦୋକାନୀମାନେ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ମାଟିକାମକୁ ବିରୋଧ, ଜିଲାପାଳଙ୍କୁ ଅଭିଯୋଗ

**ବରଗଡ଼ ଅଫିସ୍,୨୪।୬**

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ପଞ୍ଚାୟତରେ ଏକ ଜଳାଶୟ (ଜାଲିବନ୍ଧ)ରେ ମାଟିକାମକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଜୁନ୍ ୧୫ ଅର୍ଥାତ୍ ବର୍ଷାପରେ ମାଟିକାମ କରିବା ବେଆଇନ ହୋଇଥିବାବେଳେ ବ୍ୟାପକ ଅନିୟମିତତା କରାଯାଇ ସେହି ମାଟିକାମ କରାଯାଉଛି ବୋଲି ସରସରା ପଞ୍ଚାୟତର ଲୋକେ ସୋମବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଛନ୍ତି। ସେହି ଜଳାଶୟର କଡ଼ାନାଳାକୁ ଭାଙ୍ଗି ଦିଆଯାଇ ଥିବା ଯୋଗୁ ଚାଷୀମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ସରସରା ସୋସାଇଟିରୁ ନଳିଆକୁ ଥିବା ରାସ୍ତା ଉପରେ ସରକାରୀ ଜାଗା ଜବରଦଖଲ କରାଯାଇ ସେଠାରେ ମଦ ବ୍ୟବସାୟ ପାଇଁ ଅନୁମତି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାର ମଧ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ଶକ୍ତି ରାଉତ, ରମେଶ ବନଛୋର, ସୁଶାନ୍ତ ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଜିଲାପାଳ ଅଫିସ ଆସିଥିଲେ ।

## ଧାନ କିଣାବିକା ସମସ୍ୟା, ମନ୍ତ୍ରୀସ୍ତରୀୟ ବୈଠକ

**ବରଗଡ଼ ଅଫିସ୍,୨୪।୬**

ବରଗଡ଼ ଜିଲାରେ ଦେଖାଯାଇଥିବା ଧାନ କିଣାବିକା ସମସ୍ୟା ନେଇ ସୋମବାର ଭୁବନେଶ୍ୱରରେ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଉକ୍ତ ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବରଗଡ଼ ଜିଲାରେ ଧାନ କିଣା ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ଆଲୋଚନା ହୋଇଥିଲା ଏବଂ ଧାନ କିଣାବିକା ଯେଭଳି ସୁରୁଖୁରୁରେ ସମ୍ପନ୍ନ ହେବ, ତାହା ତଦାରଖ କରିବା ପାଇଁ ମଙ୍ଗଳବାର ଏକ ସ୍କ୍ୱାଡ଼ ବରଗଡ଼ ଜିଲାକୁ ଯିବେ ବୋଲି ନିଷ୍ପତ୍ତି ହୋଇଥିବା ବିଧାୟକ ଆଚାର୍ଯ୍ୟ କହିଛନ୍ତି । ସେହିପରି ଜିଲାର ମଣ୍ଡିରେ ସଂଗୃହୀତ ଚାଷୀଙ୍କ ସମସ୍ତ ଧାନକୁ କିଣାଯିବ ଏବଂ ସେ ଦିଗରେ ମଧ୍ୟ ବିହିତ ପଦକ୍ଷେପ ନିଆଯାଉଥିବା ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ପରିତ୍ୟକ୍ତ କୂଅରେ ପଡିଥିବା ବଳଦ ଉଦ୍ଧାର

**ଉଲୁଣ୍ଡା, ୨୪।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ଉଲଣ୍ଡା ବ୍ଲକ ପଞ୍ଚମହଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ସରକାରୀ ପରିତ୍ୟକ୍ତ କୂଅରେ ପଡିଥିବା ଏକ ବଳଦକୁ ସୋମବାର ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଗ୍ରାମର ଶିବ ଭୋଇଙ୍କ ବଳଦ ଉକ୍ତ କୂଅରେ ପଡିଯାଇଥିଲା। ଜଣେ ଶିଶୁ ବଳଦ ପଡିଥିବା ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଦମକଳ ବାହିନୀ ଓଆଇସି ଭରତଲାଲ ଏକ୍କାଙ୍କ ନେତୃତ୍ୱରେ ବଳଦକୁ ସୁରକ୍ଷିତ ଉଦ୍ଧାର କରିଥିଲେ।

### ଘନଘନ ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ଖପ୍ରାଖୋଲ, ୨୪।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ସେବାରେ ବିଭ୍ରାଟ ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ସ୍ଥିତିରେ ସୁଧାର ନ ଆସିଲେ ଏହା ଜନ ଆନ୍ଦୋଳନର ରୂପ ନେବା ସମ୍ଭାବନ ଦେଖାଦେଇଛି। ଅଳ୍ପ ପବନ କିମ୍ବା ବର୍ଷା ହେଲେ ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଉଛି। ହେଲେ କାଳବୈଶାଖୀ ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଥିବା ବିଭାଗ ସଫେଇ ଦେଉଛି। ଖପ୍ରାଖୋଲ ସେକ୍ସନ ଅଫିସର ପବିତ୍ର ବିଶ୍ୱାଳଙ୍କୁ ପଚାରିବାରୁ ଆବଶ୍ୟକଠାରୁ କମ୍ କର୍ମଚାରୀ ଓ କାଳ ବୈଶାଖୀ ଯୋଗୁଁ ସମସ୍ୟା ଦେଖାଦେଉଛି। ତଥାପି ଯେତିକି କର୍ମଚାରୀ ଅଛନ୍ତି ତାହାରି ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଚେଷ୍ଟା କରୁଛୁ ବୋଲି ପ୍ରକାଶ କରିଛନ୍ତି।

### ବୌଦ୍ଧରେ ନୂତନ ଜିଲାପାଳଙ୍କ ଯୋଗଦାନ

**ବୌଦ୍ଧ,୨୪।୬(ସ୍ୱ.ପ୍ର):** ବୌଦ୍ଧର ନୂତନ ଜିଲାପାଳ ଭାବେ ଲଲାଟେନ୍ଦୁ ମିଶ୍ର ସୋମବାର ଯୋଗଦାନ କରିଛନ୍ତି। ଜିଲାପାଳ ମିଶ୍ର ଅତିରିକ୍ତ ଜିଲାପାଳ ସେଠୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି। ପରେ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଏକ ବୈଠକ ଡାକି ଜିଲାର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହିତ ଜିଲାର ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### କ୍ରିକେଟ ଆସୋସିଏଶନ୍ର ବାର୍ଷିକ ବୈଠକ

**ବୌଦ୍ଧ,୨୪।୬(ସ୍ୱ.ପ୍ର):** ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଗଳ କିଶୋର ସାମଲ ବୈଠକରେ ଅଧକ୍ଷତା କରିଥିଲେ। ଆସୋସିଏଶନର ସମ୍ପାଦକ ଲମ୍ବୋଦର ପୁରୋହିତ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସିଂ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଜିଲାରେ କ୍ରିକେଟ ଦକ୍ଷତା ବୃଦ୍ଧି ପାଇଁ କୋଚ୍ ଏବଂ ଟ୍ରେନର ନିଯୁକ୍ତି ପାଇଁ ବୈଠକରେ ସ୍ଥିର କରାଯାଇଛି। ଆସୋସିଏଶନର ସଦସ୍ୟ ସତ୍ୟବାନ ଶତପଥୀଙ୍କ ବିୟୋଗରେ ବୈଠକରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

### ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା

**ବିନିକା,୨୪।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଜେଏମ୍ଏଫ୍‌ସି ଭାବେ ଯୋଗଦେଇଥିବା ବିଚାରପତି ଜଗଦୀଶ ଚନ୍ଦ୍ର ଜେନାଙ୍କୁ ସୋମବାର ବିନିକା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓକିଲ ସଂଘ ଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦିନଦ୍ୱିପ୍ରହରରେ ରତ୍ନପଥର ଖନନ

- ଚାଲାଣବେଳେ ୨ ଟ୍ରାକ୍ଟର ଜବତ
- ପୋଲିସର ଅବହେଳାରୁ ଜେସିବି ଫେରାର
- .ଘଟଣାସ୍ଥଳରେ ଜାରି ହୋଇଛି ୧୪୪ ଧାରା

**ଅମରପାଲି, ୨୪।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧୀନ ଗୋପପାଲି ମୌଜାରେ ଘରୋଇ ମାଲିକାନାରେ ଥିବା ଏକ ଜମି ଏବେ ରତ୍ନପଥର ଖଣି ପାଲଟିଛି। ସମ୍ପୃକ୍ତ ଜମି ମାଲିକଙ୍କ ଅଭିଯୋଗ ଏବଂ ପୋଲିସ ରିପୋର୍ଟ ଆଧାରରେ ଗତ ୮ତାରିଖରେ ପ୍ରଶାସନ ଉକ୍ତ ସ୍ଥାନରେ ନିଷେଧାଦେଶ ଜାରି କରିଛି। ନିଷେଧାଦେଶ ବଳବତ୍ତର ଥିବା ସତ୍ତ୍ୱେ ଲୋକେ ରତ୍ନପଥର ପାଇବା ମୋହରେ ଆଇନକୁ ଭ୍ରୁକ୍ଷେପ କରୁନାହାନ୍ତି। ସୋମବାର ସମ୍ପୃକ୍ତ ସ୍ଥାନରୁ ଦିନ ଦ୍ୱିପ୍ରହରରେ ରତ୍ନପଥର ଖନନ ବେଳେ ପୋଲିସ ୨ଟି ଟ୍ରାକ୍ଟର ଜବତ କରିଛି। ତେବେ ପୋଲିସର ଅସାବଧାନ ଯୋଗୁଁ ରତ୍ନପଥର ଖୋଳୁଥିବା ଜେସିବିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ଗୋପପାଲିଠାରେ ଥିବା ରତ୍ନପଥର ମିଳୁଥିବା ସ୍ଥଳରେ ୧୪୪ଧାରା ଲାଗୁ ପରଠାରୁ ପୋଲିସ ପ୍ରତ୍ୟହ ରାଉଣ୍ଡରେ ଉକ୍ତ ଅଞ୍ଚଳକୁ ଆସୁଛି। ହେଲେ ସୁବିଧା ସୁଯୋଗ ଦେଖି ଲୋକେ ପ୍ରତ୍ୟହ ରତ୍ନପଥର ଲୁଟ୍ କରୁଛନ୍ତି। ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ଗୋଟିଏ ଜେସିବି ଓ ୬ଟି ଟ୍ରାକ୍ଟରରେ ରତ୍ନପଥର ଚାଲାଣ ହେଉଥିଲା। ଜମି ମାଲିକ ରତ୍ନପଥର ଲୁଟ୍‌କାରୀଙ୍କୁ ମନା କରିଥିଲେ ମଧ୍ୟ ସେମାନେ ତାକୁ ଖାତିର ନକରି ଟ୍ରାକ୍ଟରରେ ରତ୍ନପଥର ଥିବା ମାଟିକୁ ଲୋଡ କରିଥିଲେ। ଖବର ପାଇ ବୀରମହାରାଜପୁର ପୋଲିସ ଏଏସଆଇ ସରୋଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତିକି ବେଳକୁ ୪ଟି ଟ୍ରାକ୍ଟରରେ ରତ୍ନପଥର ଥିବା ମାଟି ନେଇ ଯାଇ ସାରିଥିଲା। ପୋଲିସ ରତ୍ନପଥର ମିଶିଥିବା ମାଟି ବୋଝେଇ ୨ଟି ଟ୍ରାକ୍ଟର ଓ ଜେସିବିକୁ ଜବତ କରିଥିଲା। ମାତ୍ର ଗାଡିଗୁଡିକୁ ଥାନାକୁ ଆଣିବା ବେଳେ ବାଟରୁ ଜେସିବିଟି ଫେରାର ହୋଇଯାଇଛି। ଉକ୍ତ ଖଣିରୁ ରତ୍ନପଥର ବାହାରିବା ପରେ ଅଞ୍ଚଳର ଶତାଧିକ ଲୋକ ଆସି ରତ୍ନପଥର ଖନନ କରୁଛନ୍ତି। ଅତର୍କିତ ଚଢ଼ାଉ କରି ବୀରମହାରାଜପୁର ପୋଲିସ ପୂର୍ବରୁ ୨ଟି ବାଇକ ଓ ୨୨ଟି ସାଇକେଲ ମଧ୍ୟ ଜବତ କରିଥିଲା। ତଥାପି ଲୁଟେରା ପ୍ରତ୍ୟହ ଆସି ରତ୍ନପଥର ଲୁଟ୍ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଏଏସଆଇ ସରୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ୨ଟି ଟ୍ରାକ୍ଟର ଜବତ ହୋଇଥିବା କହିଛନ୍ତି। କମ୍ କର୍ମଚାରୀ ଧରି ଘଟଣାସ୍ଥଳକୁ ଯାଇଥିବାରୁ ବାଟରୁ ଜେସିବିଟି ଫେରାର ହୋଇଯାଇଛି। ଆମେ ଖୁବଶୀଘ୍ର ଜେସିବିକୁ ମଧ୍ୟ ଜବତ କରିବୁ। ମାତ୍ର ସାଧାରଣରେ ଲୋକେ ପୋଲିସର ଉକ୍ତ କାର୍ଯ୍ୟକଳାପକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ପୋଲିସ ଜାଣିଶୁଣି ଜେସିବିକୁ ଛାଡି ଦେଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜବତ ହୋଇଥିବା ଟ୍ରାକ୍ଟରର ନମ୍ବର ହେଲା ଓଡି ୩୧ ଡି–୯୭୪୭ ଓ ଓଡି ୧୭– ୬୩୫୬। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୧୨୦/୧୯)ରୁଜୁ କରାଯାଇଥିବା ଏଏସଆଇ ସଞ୍ଜିବ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।





ରତ୍ନପଥର ଲୁଟ୍ ବେଳେ ପୋଲିସ ଜବତ କରିଥିବା ୨ଟି ଟ୍ରାକ୍ଟର।

# ମହିଳା ତାତିଲେ, ମଦଭାଟିରେ ଭଙ୍ଗାରୁଜା

## ମଦ ପାଉଚ୍ ନଷ୍ଟ ସହ ଆସବାବପତ୍ର ଜାଳିଦେଲେ

**ତରଭା,୨୪।୬(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ନାରାୟଣପୁର ଦେଶୀ ମଦ ଭାଟିରେ ସୋମବାର ମହିଳାମାନେ ଭଙ୍ଗାରୁଜା କରିଛନ୍ତି। ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ଯୋଗୁଁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ଯୋଗୁଁ ଝିଅ ବୋହୂମାନେ ଘରୁ ବାହାରି ପାରୁ ନାହାନ୍ତି। ଗ୍ରାମର ପୁରୁଷମାନେ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ପୂର୍ବରୁ ନାରାୟଣପୁରର ମହିଳାମାନେ ମଦଭାଟି ବନ୍ଦ ପାଇଁ ଅବକାରୀ ବିଭାଗକୁ ଲିଖିତଭାବେ ଜଣାଇଥିଲେ। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ମଦ ବିକ୍ରି ବନ୍ଦ ପାଇଁ କୌଣସି ପଦକ୍ଷେପ ନେଲେନି। ମଦ ପାଇଁ ଗ୍ରାମର ସୁସ୍ଥ ବାତାବରଣ ନଷ୍ଟ ହେଲା। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ୫୦ରୁ ଉର୍ଦ୍ଧ୍ୱ ମହିଳା ମଦଭାଟିରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଭାଟିରେ ଗଛିତ ଥିବା ୨ ହଜାରରୁ ଉର୍ଦ୍ଧ୍ୱ ମଦ ପାଉଚ୍ ନଷ୍ଟ କରିବା ସହ ପୋଷାକ ଓ ଆସବାବପତ୍ର ଠୁଳ କରି ମହିଳାମାନେ ନିଆଁ ଲଗାଇ ଦେଇଛନ୍ତି। ମଦ ଭାଟି ବନ୍ଦ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଭାଟି ପରିଚାଳକ ରାମନାରାୟଣ ତିୱାରୀ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା (ନଂ.୯୩/୧୯)ରୁଜୁ ହୋଇଛି। ମେଣ୍ଡା ଫାଣ୍ଡି ଅଧିକାରୀ ନବୀନ କୁମାର ସାହୁ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ଡୋଲାମଣି ଭୋଇ କହିଛନ୍ତି।



ଶିଶୁକନ୍ୟାଙ୍କୁ ଜିଲାପାଳ ହସ୍ତାନ୍ତର କରୁଛନ୍ତି।

# ପଦ୍ମାବତୀଙ୍କୁ ଗ୍ରହଣ କଲେ କଲିକତାର ଦମ୍ପତି

**ସୋନପୁର,୨୪।୬(ନି.ପ୍ର.)**

ସୁବର୍ଣ୍ଣପୁରର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରହୁଥିବା ୬ ମାସର ଶିଶୁ କନ୍ୟା(ପଦ୍ମାବତୀ)ଙ୍କୁ କଲିକତାର ଚନ୍ଦନ ନଗରରେ ରହୁଥିବା ଦମ୍ପତି ସୋମବାର ଗ୍ରହଣ କରିଛନ୍ତି। ଏହି ଶିଶୁକୁ ଜିଲାପାଳ ମଧୁସୂଦନ ମିଶ୍ର ପ୍ରଦାନ କରିଥିଲେ। ଏହି ଶିଶୁ କନ୍ୟାକୁ ଗତ ଜାନୁୟାରୀ ୩ ତାରିଖରେ ଉଦ୍ଧାର କରା ଯାଇଥିଲା। ସଦ୍ୟଜାତ ଶିଶୁକନ୍ୟାକୁ ତାର ମା' ବୌଦ୍ଧ ଜିଲା ୫୭ ନଂ ଜାତୀୟ ରାଜପଥର ବିଲେଇଘାଇ ପୋଲ ତଳେ ରଖି ଚାଲି ଯାଇଥିଲେ। ବୌଦ୍ଧ ଜିଲା ଶିଶୁ ମଙ୍ଗଳ ସମିତି ଶିଶୁକନ୍ୟାକୁ ଗତ ଜାନୁୟାରୀ ୧୨ତାରିଖରେ ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନା କରିଥିଲେ। ସେବେଠାରୁ ପଦ୍ମାବତୀ ସାରେ ରହୁଥିଲା। ଆଇନଗତ ପ୍ରକ୍ରିୟା ସରିବା ପରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଘୋଷଣା କରାଯାଇଥିଲା। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ହସ୍ତାନ୍ତର କାର୍ଯ୍ୟକ୍ରମ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ମଙ୍ଗଳ ସମିତିର ସଭ୍ୟ ମଧୁସୂଦନ ପ୍ରଧାନ, ଦିଲ୍ଲିପ ମୁଖି, ସାର ସଂଯୋଜକ ତ୍ରିନାଥ ସାହୁ, ଆଇନଜୀବୀ ହେମନ୍ତ ସା, ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ ଓ ଆଇନ ଅଧିକାରୀ କେଶବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ମହିଳା କଲେଜ: କଳାରେ ପାସ୍ ହାର ୮୯.୨୫

**ବୌଦ୍ଧ,୨୪।୬(ସ୍ୱ.ପ୍ର)**

ବୌଦ୍ଧ ମହିଳା ମହାବିଦ୍ୟାଳୟର (କନିଷ୍ଠ) ଯୁକ୍ତ ଦୁଇ କଳାରେ ୮୯.୨୫ ପ୍ରତିଶତ ପାସ୍‌ହାର ରହିଛି। ଗତବର୍ଷ ତୁଳନାରେ ଏବର୍ଷ ପାଶ୍ ହାର ବୃଦ୍ଧି ଘଟିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନ୍ଦ୍ର ନାଥ ଗୁରୁଙ୍କ ସୁଚନା ମୁତାବକ ମହାବିଦ୍ୟାଳୟରେ କଳାରେ ୧୨୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ୨୨ ଜଣ ପ୍ରଥମ ଶ୍ରେଣୀ, ୨୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୦ ଜଣ ତୃତୀୟ ଶ୍ରେଣୀରେ ପାଶ କରିଛନ୍ତି। ଛାତ୍ରୀ ସୁମତି ପଢିହାରୀ ଓ ସୁଦୀପ୍ତିକା ମହାକୁଳ ଯୁଗ୍ମ ଭାବେ ୪୫୪ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି।

## ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ

**ଡୁଙ୍ଗୁରିପାଲ, ୨୪।୬(ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘର ଜରୁରୀକାଳୀନ ବୈଠକ ଏସ୍‌ସି. ଏସ୍‌ଟି ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏପରିକି ଏମ୍‌ଇ ସେକ୍ସନର ଶିକ୍ଷକମାନଙ୍କର ଦୁଇ ମାସର ଦରମା ନ ମିଳିବା, ଶିକ୍ଷା ସହାୟକଙ୍କର ୩ ମାସର ଦରମା ଏବଂ ଏକ୍ସକ୍ୟାଡର ଶିକ୍ଷକଙ୍କ ୩ ମାସର ଦରମା ହୋଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବି ଉପେକ୍ଷା କରାଗଲେ ମହାସଂଘ ଚରମ ପଦକ୍ଷେପ ନିଆଯାଇଥିବା ନିଷ୍ପତ୍ତି ହୋଇଥିବା ସଂଘ ସଭାପତି ଶିବ ପ୍ରସାଦ ରଣା ପ୍ରକାଶ କରିଛନ୍ତି। ଏହି ବୈଠକରେ ସଂଘର ସମ୍ପାଦକ କୃପାସିନ୍ଧୁ ହରିପାଲ, ରେଖାରାମ ବାଗ, କୁଶ ନନ୍ଦ, ଶ୍ରୀକାନ୍ତ ବାରିକ, ସୁରେଶ ପୂଜାରୀ ଓ ସଂଘର ଆଇନ ପରାମର୍ଶଦାତା ସୁବାଷ ଚନ୍ଦ୍ର ଭୋଇ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ସରକାରୀ ଅଧିକାରୀ।

# ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୪।୬(ସ୍ୱ.ପ୍ର)**

ବୌଦ୍ଧ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ନବନିଯୁକ୍ତ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହିତ ଏହି ଯାତ୍ରା ସମ୍ପନ୍ନ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ରଥ ମରାମତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ଥିବା ବେଳେ ମାଉସୀ ମା' ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ମାଉସୀ ମା ଓ ଜଗନ୍ନାଥ ମନ୍ଦିର ପରିସରରୁ ଜବରଦଖଲ ହଟାଇବାକୁ ନିଷ୍ପତି ନିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଠାକୁରମାନଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନର ନୀତିକାନ୍ତ, ପହଣ୍ଡି ନିର୍ଦ୍ଧାରିତ ସମୟରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯାତ୍ରା ସମୟରେ ପାନୀୟ ଜଳଯୋଗାଣ, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସେବା ଓ ସହରର ପରିମଳ ବ୍ୟବସ୍ଥା ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁଙ୍କ ସମେତ ଅନୁଷ୍ଠାନର ପ୍ରତିନିଧି ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ ନେଇ ଦିଲ୍ଲୀରେ ଆଲୋଚନାଚକ୍ର

**ସୋନପୁର,୨୪।୬(ନି.ପ୍ର.)**

ଦିଲୀର କରୋଲବାଗସ୍ଥିତ ଡବ୍ଲୁଇଏ କେନ୍ଦ୍ରରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋସଲ ହେରିଟେଜ୍ ଟ୍ରଷ୍ଟ ଆନୁକୂଲ୍ୟରେ ପଶ୍ଚିମ ଓଡିଶାବାସୀକର ମାତୃଭାଷାକେ ସାମ୍ବିଧାନିକ ମାନ୍ୟତା ମିଲବାର ଉଚିତ୍ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୱାର୍ଲଡ ଫୋକସର ପରିଚାଳନା ସମ୍ପାଦକ ଭବାନୀ ଶଙ୍କର ଦୀକ୍ଷିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୋଚକମାନେ ପଶ୍ଚିମ ଓଡିଶାବାସୀଙ୍କର ମାତୃଭାଷା ପ୍ରତି ଅଣଦେଖା, କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ନ ଦେଇ ୨୦୧୪ ମସିହାରୁ ଶୀତଳ ଭଣ୍ଡାରରେ ପକାଇ ରଖିଥିବାରୁ କେନ୍ଦ୍ର ସରକାରଙ୍କ ବିରୋଧରେ ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ପଶ୍ଚିମ ଓଡିଶାର କୋମଳମତି ଶିଶୁମାନେ ପ୍ରାଥମିକସ୍ତରରେ ନିଜ ମାତୃଭାଷାରେ ପାଠ ପଢିବାକୁ ସୁଯୋଗ ପାଉନାହାନ୍ତି। ସେମାନଙ୍କର ବୌଦ୍ଧିକ ବିକାଶ ଠିକ୍ ଭାବେ ହୋଇ ପାରୁନାହିଁ। ମାନବ ସମ୍ବଳ, ପ୍ରାକୃତିକ ସମ୍ବଳର ସୁରକ୍ଷା ଓ ସମୃଦ୍ଧି ସକାଶେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏକାନ୍ତ ଅପରିହାର୍ଯ୍ୟ ବୋଲି ବକ୍ତାମାନେ ମତ ଦେଇଥିଲେ। ଶ୍ରେଷ୍ଠ ସମ୍ବଳ ହେଉଛି ଭାଷା ଓ ସଂସ୍କୃତି। ଯାହା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସର ପରିକଳ୍ପନା କ୍ଷୁଦ୍ର ରାଜ୍ୟ ଗଠନ ବିନା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଡ. ସଞ୍ଜିବ ପଟ୍ଟଯୋଶୀ ମୁଖ୍ୟ ଅତିଥି ଓ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ପଶ୍ଚିମ ଓଡିଶାବାସୀଙ୍କ ମାତୃଭାଷା ଓ ସ୍ୱତନ୍ତ୍ର ପ୍ରଦେଶର ସାମ୍ବିଧାନିକ ମାନ୍ୟତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ସଂଗଠକ ବାସୁଦେବ ତ୍ରିପାଠୀ ଆଲୋଚନାଚକ୍ରର ସଂଯୋଜନା କରିଥିଲେ। ବିଜୟାନନ୍ଦ ନାଏକ, ବିଜୟ ପ୍ରକାଶ ମିଶ୍ର, ଅନୁପମ ମିଶ୍ର, କୁଳମଣି ବାରିକ ଓ ରାଜ ସାହୁ ସମ୍ମାନିତ ବକ୍ତାଭାବେ ନିଜ ନିଜ ମତପ୍ରକାଶ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଫଟୋରେ ଖବର





ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌଡଗୋଠ ଗାଁରେ କୁଚିଆ ମଦ ଓ ଭାଟି ବନ୍ଦ କରିବା ଦାବିରେ ସୋମବାର ବାହାରିଥିବା ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି (ବାମ)। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ କାର୍ଯ୍ୟାଳୟରେ ରଥଯାତ୍ରା ମହୋତ୍ସବ ପାଇଁ ଅନୁଷ୍ଠିତ ଦେବୋତ୍ତର ପରାମର୍ଶଦାତା କମିଟି ବୈଠକ।

# ପୁଣି ଫୁଟିଲା ଗୁଳି, ଜଣେ ଗୁରୁତର

**ବ୍ରଜରାଜନଗର,୨୪।୬(ଡି.ଏନ୍.ଏ.)**

କିଛିଦିନ ବ୍ୟବଧାନରେ ବ୍ରଜରାଜନଗରରେ ସୋମବାର ପୁଣି ଗୁଳି ଫୁଟିଛି। ଗୁଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣାର ୧୫ ଦିନ ମଧ୍ୟରେ ସୋମବାର ରାତି ସାଢ଼େ ୮ଟାରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ବସ୍ତ୍ରଷ୍ଟାଣ୍ଡଠାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କ ନାମ ଅମିତ ଧଳ। ଦୁର୍ବୃତ୍ତମାନେ ତାଙ୍କୁ ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଅମିତଙ୍କ ପେଟ ଏବଂ ଆଉ ଗୋଟିଏ ଡାହାଣ ପଟ ଛାତିରେ ବାଜିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳିଆ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅମିତ ତାଙ୍କ ଅଫିସ ସମ୍ମୁଖରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ଏହି ସମୟରେ ୨ଜଣ ଯୁବକ ଆସି ଭେୟା ନମସ୍ତେ ବୋଲି କହିବା ସହ ଗୁଳିମାଡ଼ କରିଥିଲେ। ଅମିତଙ୍କ ଶରୀରରେ ଦୁଇଟି ଗୁଳି ବାଜିବା ସତ୍ତ୍ୱେ ସେ ସାହସ ଦେଖାଇ ଦୁର୍ବୃତ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ବନ୍ଧୁକ ଛଡ଼ାଇ ରଖିବାରେ ସକ୍ଷମ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତ ଦ୍ୱୟ ଶୌଚାଳୟ ଗଳି ଦେଇ ଦୌଡ଼ି ପଳାଇବାରେ ସକ୍ଷମ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଜବତ କରି ତଦନ୍ତ ଆରମ୍ଭ କରିଛି।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବ୍ୟବସାୟୀ ଖୁଚୁରା ଟଙ୍କା ଗ୍ରହଣ ନ କଲେ କାର୍ଯ୍ୟାନୁଷ୍ଠାନ

**ଲୋଇସିଂହା,୨୪।୬ (ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଶ୍ରୀୟାଂସ ଭାରତ ଗ୍ୟାସ ଏଜେନ୍ସି ଉପଭୋକ୍ତାଙ୍କଠାରୁ ଖୁଚୁରା ଟଙ୍କା ଗ୍ରହଣ କରୁନାହାନ୍ତି। ଏନେଇ ଜନୈକ ଉପଭୋକ୍ତା ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉପସ୍ଥିତିରେ ଉଭୟ ପକ୍ଷ ଆଲୋଚନା ପରେ ଗ୍ୟାସ ଏଜେନ୍ସି ମାଲିକ ଉପଭୋକ୍ତାଙ୍କଠାରୁ ଖୁଚୁରା ଟଙ୍କା ଗ୍ରହଣ କରିବାକୁ ରାଜି ହୋଇଛନ୍ତି। ପ୍ରକାଶ ଯେ, ସହର ହେଉ କି ଗ୍ରାମାଞ୍ଚଳରେ ଖୁଚୁରା ୧ ଏବଂ ୨ ଟଙ୍କିଆ ନେବାକୁ ବ୍ୟବସାୟୀ ନାରାଜ। ଯା ଫଳରେ ଘରେଘରେ ଖୁଚୁରା ଟଙ୍କା ଜମା ହୋଇ ରହିଯାଉଛି। ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଲୋକେ ସଉଦା କରିବାକୁ ହଟହଟା ହେଉଛନ୍ତି। ଗ୍ରାମାଞ୍ଚଳର ଛୋଟ ବ୍ୟବସାୟୀ ହୋଲସେଲର ପାଖକୁ ଗଲେ ଖୁଚୁରା ନେବାକୁ ନାରାଜ। ଛୋଟ ବ୍ୟବସାୟୀ ମଧ୍ୟ ଜନସାଧାରଣଙ୍କଠାରୁ ଖୁଚୁରା ନେଉ ନାହାନ୍ତି। ଲୋଇସିଂହାର ଜଣେ ବ୍ୟକ୍ତି ସ୍ଥାନୀୟ ଭାରତ ଘ୍ୟାସ ଏଜେନ୍ସିକୁ ସିଲିଣ୍ଡର ଆଣିବାକୁ ଯାଇଥିଲେ। ସେତେବେଳେ ସିଲିଣ୍ଡର ଦର ୭୫୮ ଟଙ୍କା ଥିବାବେଳେ ୭୬୦ ଟଙ୍କା ଦେବାକୁ କହିଥିଲେ। ଉପଭୋକ୍ତ ଜଣକ ୬ଶହଟଙ୍କା ନୋଟ ଦେଇଥିବାବେଳେ ବାକି ଖୁଚୁରା ଟଙ୍କା ଦେଇଥିଲେ। ହେଲେ ଖୁଚୁରା ଟଙ୍କାକୁ ନେବାକୁ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଏ ନେଇ ସଂପୃକ୍ତ ବ୍ୟକ୍ତି ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗ୍ୟାସ ଏଜେନ୍ସି ମାଲିକ ଖୁଚୁରା ଟଙ୍କା ନେଇ ସିଲିଣ୍ଡର ଦେବାକୁ ରାଜି ହୋଇଥିବା ଆଇଆଇସି ଲଳିତା ଲେକ୍ରା କହିଛନ୍ତି। କେବଳ ଗ୍ୟାସ ଏଜେନ୍ସି ନୁହେଁ, କୌଣସି ବ୍ୟବସାୟୀ ଓ ବ୍ୟାଙ୍କ ଖୁଚୁରା ଟଙ୍କା ଗ୍ରହଣ ନ କଲେ ପୋଲିସକୁ ଜଣାନ୍ତୁ ବୋଲି ସେ ପ୍ରକାଶ କରିଥିଲେ।

### ବୌଦ୍ଧ ମହିଳା କଲେଜ: କଳାରେ ପାଶ୍ ହାର ୮୯.୨୫

**ବୌଦ୍ଧ,୨୪।୬(ସ୍ୱ.ପ୍ର.)-** ବୌଦ୍ଧ ମହିଳା ମହାବିଦ୍ୟାଳୟର (କନିଷ୍ଠ) ଯୁକ୍ତ ଦୁଇ କଳାରେ ୮୯.୨୫ ପ୍ରତିଶତ ପାଶ୍ ହାର ରହିଛି। ଗତବର୍ଷ ତୁଳନାରେ ଏବର୍ଷ ପାଶ୍ ହାର ବୃଦ୍ଧି ଘଟିଛି। ମହାବିଦ୍ୟାଳୟ ଅଧକ୍ଷ ରବିନ୍ଦ୍ର ନାଥ ଗୁରୁଙ୍କ ସୁଚନା ମୁତାବକ ମହାବିଦ୍ୟାଳୟରେ କଳାରେ ୧୨୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ୨୨ ଜଣ ପ୍ରଥମ ଶ୍ରେଣୀ, ୨୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୦ ଜଣ ତୃତୀୟ ଶ୍ରେଣୀରେ ପାଶ କରିଛନ୍ତି। ଛାତ୍ରୀ ସୁମତି ପଢିହାରୀ ଓ ସୁଦୀପ୍ତିକା ମହାକୁଳ ଯୁଗ୍ମ ଭାବେ ୪୫୪ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ଭୂମିହୀନ ଏନ୍ଏସି କାର୍ଯ୍ୟାଳୟ ଘେରିଲେ

**ଖଡିଆଳ,୨୪।୬ (ଡି.ଏନ.ଏ.)**




ଭୂମିହୀନ ପରିବାର ଖଡିଆଳ ଏନ୍ଏସି କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସରକାର ସହରାଞ୍ଚଳରେ ବସ୍‌ବାସ କରୁଥିବା ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ହେଲେ ନୂଆପଡ଼ା ଜିଲା ଖଡ଼ିଆଳ ଏନ୍ଏସିର ବିଭିନ୍ନ ୱାର୍ଡରେ ଦୀର୍ଘ ବର୍ଷ ଧରି ବସ୍‌ବାସ କରୁଥିବା ଭୂମିହୀନ ଲୋକଙ୍କୁ ଜମିପଟ୍ଟା ପ୍ରଦାନ କରିବାରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ସୋମବାର ଦଳିତ ଅଧିକାର ମଞ୍ଚ ନେତୃତ୍ୱରେ ଶତାଧିକ ଭୂମିହୀନ ପରିବାର ଖଡିଆଳ ଏନ୍ଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଖଡ଼ିଆଳ ସାପ୍ତାହିକ ବଜାରରୁ ଶତାଧିକ ଭୂମିହୀନ ପରିବାର ଏକ ରାଲିରେ ବାହାରି ସହର ପରିକ୍ରମା କରି ଏନ୍ଏସି କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ଗତ କିଛି ମାସ ତଳେ ପ୍ରଶାସନ ପକ୍ଷରୁ ଖଡିଆଳ ଏନ୍ଏସି ଅଧୀନ ନିଳଜିବନ୍ଧପଡ଼ା,

## ଜମିପଟ୍ଟା ଦାବି

ଛୁଟିଗୁଡିପଡ଼ା, ବ୍ରହ୍ମଣପଡ଼ା, ପୁଟୁପଡ଼ାର ତଳପଡା ଓ ଉପରପଡ଼ା ପ୍ରମୁଖ ୫ଟି ବସ୍ତି ଚିହ୍ନଟ କରି ୧୫୯ ଜଣଙ୍କୁ ଜମିପଟ୍ଟା ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ୧୫୯ ଜଣଙ୍କ ମଧ୍ୟରୁ କେବଳ ନିଳଜୀବନ୍ଧପଡ଼ାର ୧୦ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବର୍ତ୍ତମାନ ସୁଦ୍ଧା ଜମିପଟ୍ଟା ମିଳିପାରି ନାହିଁ। ଜିଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ବସ୍ତିବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଅବସରରେ ଦଳିତ ଅଧିକାର ମଞ୍ଚ ପକ୍ଷରୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ଖଡିଆଳ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି। ଦଳିତ ଅଧିକାର ମଞ୍ଚର ସଭାପତି କମଳଚରଣ ତାଣ୍ଡି, ମହିଳା ସଭାନେତ୍ରୀ ମମତାମଞ୍ଜରୀ ଥଟ୍ଟା, ଗୋବିନ୍ଦ ଅଦା, ମଙ୍ଗଲୁ ଶବର, ଧିରେନ ଜଗତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ପୁଣି ଫୁଟିଲା ଗୁଳି, ଜଣେ ଗୁରୁତର

**ବ୍ରଜରାଜନଗର,୨୪।୬ (ଡି.ଏନ୍.ଏ.)**



ଦୁର୍ବୃତ୍ତମାନେ ଛାଡ଼ି ପଳାଇଥିବା ବାଇକ୍।

କିଛିଦିନ ବ୍ୟବଧାନରେ ବ୍ରଜରାଜନଗରରେ ସୋମବାର ପୁଣି ଗୁଳି ଫୁଟିଛି। ଗୁଡ୍ଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣାର ୧୫ ଦିନ ମଧ୍ୟରେ ସୋମବାର ରାତି ସାଢ଼େ ୮ଟାରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡଠାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କ ନାମ ଅମିତ ଧଳ। ଦୁର୍ବୃତ୍ତମାନେ ତାଙ୍କୁ ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଅମିତଙ୍କ ପେଟ ଏବଂ ଆଉ ଗୋଟିଏ ଡାହାଣ ପଟ ଛାତିରେ ବାଜିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳିଆ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅମିତ ତାଙ୍କ ଅଫିସ ସମ୍ମୁଖରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ଏହି ସମୟରେ ୨ଜଣ ଯୁବକ ଆସି ଭେୟା ନମସ୍ତେ ବୋଲି କହିବା ସହ ଗୁଳିମାଡ଼ କରିଥିଲେ। ଅମିତଙ୍କ ଶରୀରରେ ଦୁଇଟି ଗୁଳି ବାଜିବା ସତ୍ତ୍ୱେ ସେ ସାହସ ଦେଖାଇ ଦୁର୍ବୃତ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ବନ୍ଧୁକ ଛଡ଼ାଇ ରଖିବାରେ ସକ୍ଷମ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତ ଦ୍ୱୟ ଶୌଚାଳୟ ଗଳି ଦେଇ ଦୌଡ଼ି ପଳାଇବାରେ ସକ୍ଷମ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଜବତ କରି ତଦନ୍ତ ଆରମ୍ଭ କରିଛି।

# ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

**ବଲାଙ୍ଗୀର ଅଫିସ, ୨୪।୬**

ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଭାପତି ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମନୋହରପୁରସ୍ଥିତ ପୋଲିସ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସିନୀ ମିଶ୍ର, ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ, ବିରାଟ କେଶରୀ ପ୍ରଧାନ, ସରୋଜ କୁମାର ମାଝି, ରାଜେନ୍ଦ୍ର କୁମାର ବନଛୋର, କିଶୋରୀ ମୋହନ ଡାଙ୍ଗ, କୃଷ୍ଣପ୍ରିୟା ପଣ୍ଡା, ଶରତ କୁମାର ନାଗ ଓ ତ୍ରିନାଥ ମନହୀରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପୂର୍ବତନ ସଭାପତି ସତ୍ୟବନ୍ତ ବେହେରା, ସମ୍ପାଦକ ରଘୁନାଥ ମିଶ୍ର, ଉପସଭାପତି ଗୋପବନ୍ଧୁ ପୁରୋହିତ, ସହସମ୍ପାଦକ ପର୍ଶୁରାମ ନାୟକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କିଶୋର ମୋହନ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟ।

# କେନ୍ଦୁପତ୍ର ତୋଳାକୁ ୩ ମାସ ବିତିଲା: ଏଯାଏ ମିଳିନି ଶ୍ରମିକଙ୍କୁ ପ୍ରାପ୍ୟ

**ଲୋଇସିଂହା,୨୪।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର କେନ୍ଦୁପତ୍ର ତୋଳାଳି ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଫଡି ଚେକର, ମୁନସୀଙ୍କୁ ବାରମ୍ବାର ଜଣାଇ ନିରାଶ ହେବାକୁ ପଡିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସୂଚନାମତେ, ଝାରବନ୍ଧଲି ରେଞ୍ଜ ନଅଗାଁ(ଖ) ଫଡି ଅଧୀନ ନଅଗାଁ, ଦାସପାଲି, ସାନଟିକା ଗ୍ରାମର ଶ୍ରମିକମାନେ କେନ୍ଦୁପତ୍ର ତୋଳାରେ ନିୟୋଜିତ ହୋଇଥାନ୍ତି। ଚଳିତ ବର୍ଷ ପ୍ରାୟ ୨ ଶହ ଶ୍ରମିକ ଗତ ଏପ୍ରିଲ ମାସରେ ପତ୍ର ସଂଗ୍ରହ କରିଥିଲେ। ଏଥର ଅଦିନିଆ ବର୍ଷା, କୁଆପଥର ବୃଷ୍ଟି ଯୋଗୁ ଉତ୍ପାଦନରେ ହ୍ରାସ ପାଇଥିଲା। ବିଭାଗ ପକ୍ଷରୁ ପତ୍ର ସଂଗ୍ରହ ଦିବସକୁ ହ୍ରାସ କରାଯାଇଥିଲା। ଚଳିତ ବର୍ଷ ମାତ୍ର ୪ ଦିନ ପତ୍ର ସଂଗ୍ରହ କରି ଫଡି ଘରକୁ ଦେଇଥିଲେ ଶ୍ରମିକମାନେ। ଏପଟେ ଶ୍ରମ ଦିବସ ହ୍ରାସ, ଅନ୍ୟପଟେ ସଂଗୃହୀତ ପତ୍ରରୁ ଫଡି କର୍ମଚାରୀଙ୍କ କାଟଛାଡ ଶ୍ରମିକଙ୍କୁ ଅଡୁଆରେ ପକାଇଥିଲା। ଇତିମଧ୍ୟରେ ପତ୍ର ସଂଗ୍ରହର ୩ ମାସ ବିତି ଯାଇଛି। ଆଗକୁ ରଥଯାତ୍ରା ଆସୁଛି।

## କେନ୍ଦ୍ରର ଘର ତିଆରି ହେଇ ପଡ଼ିରହିଛେ

# ସ୍କୁଲ ବାରନ୍ଡାରେ ଚାଲିଛେ ଅଙ୍ଗନୱାଡି କେନ୍ଦ୍ର

**ଲାଠୋର, ୨୪।୬ (ଡି.ଏନ୍.ଏ)**



ସ୍କୁଲ ବାରନ୍ଡାରେ ଅଙ୍ଗନୱାଡି କେନ୍ଦ୍ରର କାମ୍ ଚାଲିଛେ।

ସରକାର ଗାଁଗଁଲିରୁ ସହରତକ୍ ସବୁ ଜାଗାରେ ଅଙ୍ଗନୱାଡି କେନ୍ଦ୍ର ଖୁଲୁଛନ୍। ଗୁଟେ କେନ୍ଦ୍ରରେ ମୁଖିଆ ଘର ସମେତ ରନ୍ଧାଘର, ଶୌଚାଳୟ, ପିଇଲା ପାଏନ୍ ସୁବିଧାର ଲାଗି ନଲ୍‌କୁଆଁ, ସୁବିଧା ଥିଲେ ବିଦ୍ୟୁତ୍ ସଂଯୋଗର ବେବସ୍ତା କରାଯାଉଛେ। ହେଲେ ଅନେକ ଜାଗାରେ କେନ୍ଦ୍ରମାନ ଅନେକ ସୁବିଧାରୁ ବଁଚିତ୍ ଥିବାର ଦେଖିବାକେ ମିଲୁଛେ। ଯେନ୍‌ଥିରଲାଗି ହିତାଧିକାରୀମାନେ ନାନା ସମସିଆର ସାମନା କରୁଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଁଚେତ୍ ଅଧୀନ ଭରୁଆମୁଣ୍ଡା ଗାଁରେ। ସୂଚନା ଅନ୍‌ସାରେ ଇ କେନ୍ଦ୍ର ୬ ମାସରୁ ୩ ବଛର୍‌ର ଛୁଆ, ୩ରୁ ୬ ବଛର ତକ୍ ପ୍ରିସ୍କୁଲ ଛୁଆ, ଗରଭବତୀ ଆର ପ୍ରସୂତି ମହିଲାକୁ ମିଶେଇ ମୋଟ ୭୪ ଝନ୍ ହିତାଧିକାରୀକୁଁ ସେବା ଯୁଗେଇ ଦେଉଛେ। ଲକ୍ଷାଧିକ୍ ଟଁକା ଖରଚ୍‌ରେ ଇଠାନେ ଗୁଟେ କେନ୍ଦ୍ର ତିଆର ହେଇଛେ ସତ୍, ହେଲେ ଶୌଚାଳୟର ଅଭାବ ରହିଛେ। ଗଲା ୨୦୧୪-୧୫ରୁ କେନ୍ଦ୍ରର ଘର ତିଆରି କାମ୍ ସରିଥିଲେ ବି କରମୀକଁର ଜିମା ନାଇଁ ଦିଆଯାଇ। ଯେନ୍‌ଥିରଲାଗି କେନ୍ଦ୍ରଟା ବନେ ଦିନାକେତେ ଇତାର ତାର ବାରନ୍ଡାରେ ଚାଲ୍‌ଲା ଉତାରୁ ବଛର ବଛର ହେଲା ଗାଁର ସ୍କୁଲ ବାରନ୍ଡାରେ ଛୁଆକୁ ନେଇ ଅଙ୍ଗନୱାଡି କାମ୍ ଚାଲିଛେ। ଟୀକାକରନନୁ ଆରମ୍ କରି ଗରଭ୍‌ବତୀ, ପ୍ରସୂତି ମହିଲାକଁର ପରୀକ୍ଷା ନିରୀକ୍ଷା ବି ସ୍କୁଲ ବାରନ୍ଡାରେ ଚାଲିଛେ। ଫିମାସ ପ୍ରଗତୀ ରିପୋର୍ଟରେ କେନ୍ଦ୍ରର କରମୀ ସମସିଆ ବାବ୍‌ଦେ ବିଭାଗୀୟ କତୁରପକ୍ଷକୁଁ ଲେଖି ଦେବାର ସଂଗେ ପଁଚେତ୍ ଆର ବ୍ଲକ ପରଶାସନକେ କହି ଆସୁଛନ୍। ହେଲେ ଆଏଜ୍‌ତକ ସମସିଆର ସମାଧାନ ନାଇଁ ହେଇପାରି। ଇ ବାବ୍‌ଦେ କେନ୍ଦ୍ରର କରମୀକୁଁ ପଚରାଲାରୁ ମୁଇଁ ପଁଚେତ୍‌ନୁ ମୂଳ କରି ବ୍ଲକ ପରଶାସନ ତକ୍ ସମକୁ କେନ୍ଦ୍ରର ସମସିଆ ବାବ୍‌ଦେ କହିଆସୁଛେଁ। ହେଲେ କେହି ମୋର କଥାକେ ଗୁରୁତ୍ ନାଇଁଦେବାର। ଶେଡେ ଉପେ ଶୂଇନ୍ ହେଇ ବଛର ବଛର ହେଲା ଗାଁ ସ୍କୁଲ ବାରନ୍ଡାରେ ସରକାରୀ କାଯ୍ ତୁଲଉଛେଁ ବଲି ସେ କହିଥିଲେ। ଯେତେ ଜଲଦି ହେବା ଜିଲା ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ ସମସିଆର ସମାଧାନ କରବାକେ ଜନସାଧାରନ୍ ଦାବି କରିଛନ୍।

## ପ୍ରଦୀପ୍ତ ନାଏକ ହେଲେ ବିରୋଧୀ ଦଳର ନେତା

# କଳାହାଣ୍ଡି ଜିଲାରେ ଖୁସିର ଲହରି

**ଭବାନୀପାଟଣା,୨୪।୬ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ବରିଷ୍ଠ ଭାଜପା ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ବିରୋଧୀ ଦଳ ନେତା ଭାବେ ସୋମବାର ମନୋନୀତ ହୋଇଛନ୍ତି। ଏନେଇ ଜିଲା ଭାଜପା କର୍ମକର୍ତ୍ତା ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲାର ୫ଟି ବିଧାନସଭା ଆସନ ମଧ୍ୟରୁ ୪ଟି ଆସନକୁ ବିଜେଡି ଅକ୍ତିଆର କରିଥିଲା। ହେଲେ ବଳିଷ୍ଠ ନେତୃତ୍ୱ, ଲୋକପ୍ରିୟତା ଓ ଜନହିତକର କାର୍ଯ୍ୟ ଯୋଗୁ ପ୍ରଦୀପ୍ତ ଜିଲାର ଭବାନୀପାଟଣା ବିଧାନସଭା ଆସନରେ ବିଜେଡି ପାର୍ଥୀ ଦୁଷ୍ମନ୍ତ ନାଏକଙ୍କୁ ହରାଇ ବିଜୟୀ ହୋଇଥିଲେ। ୧୯୯୫ରେ ନାଏକ ପ୍ରଥମ ଥର ରାଜନୀତି ମଇଦାନକୁ ଓହ୍ଲାଇ ଭବାନୀପାଟଣା ବିଧାନସଭା ଆସନରେ ଭାଜପାରୁ ଛିଡା ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୧୯୯୯ ଓ ୨୦୦୪ରୁ ୨୦୦୪ରୁ ୨୦୦୯ ଲଗାତାର ୩ଥର ବିଧାୟକ ହେବା ସହ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରଦୀପ୍ତଙ୍କ ବଳିଷ୍ଠ ନେତୃତ୍ୱ ଓ ଲୋକପ୍ରିୟତା ଯୋଗୁ ବିଜେଡିକୁ ଚକ୍‌ମା ଦେଇ କଳାହାଣ୍ଡି ଜିଲାରେ ଭାଜପା ୩୬ଟି ଜିଲାପରିଷଦ ଆସନରୁ ୩୩ଟି ଜିଲାପରିଷଦ ଆସନ ଅକ୍ତିଆର କରିଥିଲା। ପ୍ରଦୀପ୍ତ ବିରୋଧୀ ଦଳ ନେତା ଭାବେ ମନୋନୀତ ହେବା ପରେ କଳାହାଣ୍ଡି ଜିଲାରେ ଖୁସିର ଲହରି ଖେଳିଯାଇଛି।

# ତଣ୍ଟି ଚିପି ମାରି ଦେଇଥିଲେ

**ଟିଟିଲାଗଡ଼, ୨୪।୬ (ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମର ରାଜେନ୍ଦ୍ର ଛତର ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଉଜ୍ଜ୍ୱଳମଣି ବାଗଙ୍କୁ ପୋଲିସ ଗିରଫ କରିଛି। ସୋମବାର ଟିଟିଲାଗଡ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଅଭିଯୁକ୍ତ ମୁରିବାହାଲ ଥାନା ଅନ୍ତର୍ଗତ ଦେସିଲର ଉଜ୍ଜ୍ୱଳମଣୀଙ୍କର ମୃତକଙ୍କ ପରିବାର ସହ ୨୦୦୭ରୁ ସମ୍ପର୍କ ରହିଥିଲା। ହେଲେ ପରେ ତାଙ୍କ ଘରକୁ ଉଜ୍ଜ୍ୱଳମଣିଙ୍କ ଯିବାଆସିବା ନେଇ ରାଜେନ୍ଦ୍ର ବିରୋଧ କରୁଥିଲେ। ଏହାକୁ ନେଇ ବହୁ ସମୟରେ ପରିବାରରେ

## ରାଜେନ୍ଦ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ

ଅଶାନ୍ତ ପରିବେଶ ସୃଷ୍ଟି ହେଉଥିଲା। ଗତ ୧୯ତାରିଖ ଅପରାହ୍ନରେ ହତ୍ୟାକାଣ୍ଡ ଦିନ ଅଭିଯୁକ୍ତ ଘଣ୍ଟବାହାଲି ଗ୍ରାମ ନିକଟସ୍ଥ ବନ୍ଧ ପାଖରେ ଥିଲେ। ସେହି ରାସ୍ତାଦେଇ ଅପରାହ୍ନ ପ୍ରାୟ ୪ଟାରେ ରାଜେନ୍ଦ୍ର ଏକ ବାଇକ୍‌ରେ ଯିବା ବେଳେ ଉଜ୍ଜ୍ୱଳମଣିଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେଠାରୁ ଉଭୟେ ଗାଁପାଖ ଏକ ବ୍ରିଜ ପାଖକୁ ଯାଇ ମଦ ପିଇଥିଲେ। ଏହି ସମୟରେ ସେଠାରେ ଉଜ୍ଜ୍ୱଳମଣିଙ୍କର ଜଣେ ସହଯୋଗୀ ମଧ୍ୟ ଉପସ୍ଥିତ ଥିଲେ। ମଦ ପିଇବା ପରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଜ୍ଜ୍ୱଳମଣି ଏକ ଗାମୁଛାରେ ରାଜେନ୍ଦ୍ରଙ୍କ ବେକକୁ ଚିପି ମାରି ଦେଇଥିଲେ। ପରେ ବାଇକ ଓ ମୃତଦେହକୁ ଘଟଣାସ୍ଥଳରୁ ଆଣି ରାସ୍ତାକଡ ଜମିକୁ ଫିଙ୍ଗି ଦେଇଥିଲେ। ଏହାକୁ ଏକ ଦୁର୍ଘଟଣାର ରୂପ ଦେବା ପାଇଁ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ପୋଲିସ ଅନୁସନ୍ଧାନରେ ସମସ୍ତ ତଥ୍ୟ ସହ ହତ୍ୟାକାଣ୍ଡରେ ବ୍ୟବହୃତ ଗାମୁଛା, ପଥର, ଖାଲି ଥିବା ମଦ ପାଉଚ ଜରି, କୋଲ୍ଡ୍ରିଙ୍କ ବୋତଲ ଆଦି ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ବିବେଚନା କରି ପୋଲିସ ଦଫା ୩୦୨, ୩୪ରେ ଏକ ମାମଲା (ନଂ. ୧୧୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମୃତକଙ୍କ ସ୍ତ୍ରୀଙ୍କୁ ହତ୍ୟା ସମ୍ପର୍କରେ ପୋଲିସ ପଚରାଉଚରା କରିଥିଲା। ତାଙ୍କ ବୟାନରେ ତାଳମେଳ ନ ଥିବା ଉପଲବ୍ଧି କରି ପୋଲିସ ତାଙ୍କୁ ସନ୍ଦେହ ପରିସରକୁ ଆଣିଥିଲା। ପରେ ତାଙ୍କ ମୋବାଇଲ ଫୋନ କଲ ରେକର୍ଡକୁ ଯାଞ୍ଚ କରାଯାଇଥିଲା। ହତ୍ୟା ପୂର୍ବରୁ ଓ ପରେ ଉଜ୍ଜ୍ୱଳମଣୀଙ୍କ ସହ ସେ ଏକାଧିକ ଥର କଥା ହୋଇଥିବା ଯାଞ୍ଚରୁ ଜଣାପଡିଥିଲା। ଏହି ତଥ୍ୟ ପାଇବା ପରେ ପୋଲିସ ଉଜ୍ଜ୍ୱଳମଣିଙ୍କୁ ସୋମବାର ସକାଳେ ତାଙ୍କ ଗାଁ ଦେସିଲରୁ ଧରିଥିଲା। ତାଙ୍କୁ ଜେରା ବେଳେ ସେ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହି ହତ୍ୟାକାଣ୍ଡରେ ମୃତକଙ୍କ ସ୍ତ୍ରୀ ଏବଂ ମଦ ପିଇବା ସମୟରେ ଉପସ୍ଥିତ ଫେରାର ଅଭିଯୁକ୍ତଙ୍କର ସମ୍ପୃକ୍ତି ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ଏସଆଇ ମୋହିନୀ ମଲ୍ଲିକ, ଏସଆଇ ମନୋଜ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ନୂଆପଡା ଜିଲା ଖରିଆରରୋଡ ଏନ୍ଏସି ଟାଉନହଲରେ ସୋମବାର ଅନୁଷ୍ଠିତ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।




ନୂଆପଡା ଜିଲା ଟାନୱାଟଠାରେ ଅନୁଷ୍ଠିତ କେଉଁଟ ସମାଜର ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।



ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ଜୁନ୍, ୨୦୧୯

ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ବିଧାୟକଙ୍କ ଗିରଫଦାରି ପରେ ଘୋଷିତ ବିଧାନସଭା ଘେରାଉ ପ୍ରତ୍ୟାହୃତ

**ବଲାଙ୍ଗୀର ଅଫିସ, ୨୪।୬:** କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଉଠ୍‌ବସ୍ କରିବା ଘଟଣାରେ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଗିରଫଦାରି ପରେ ୨୬ରେ ହେବାକୁ ଥିବା ବିଧାନସଭା ଘେରାଉ ଆନ୍ଦୋଳନ ଡାକରାକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ପ୍ରତ୍ୟାହାର କରିନେଇଛି। ସଂଘ ସଭାପତି ବ୍ରଜକିଶୋର ସିଂଭୋଇ ଏ ନେଇ ସୂଚନା ଦେଇଛନ୍ତି। ଆଦିବାସୀ ଯନ୍ତ୍ରୀଙ୍କୁ ସର୍ବସାଧାରଣ ସ୍ଥାନରେ ବିଧାୟକ ମେହେର ଉଠବସ୍ କରି ଅପମାନିତ କରିବା ଘଟଣା ପରଠାରୁ ଆଦିବାସୀ କଲ୍ୟାଣ ସଂଘ ବିଧାୟକଙ୍କ ଗିରଫ ଦାବି କରିଆସୁଥିଲା। ସୋମବାର ପୋଲିସ ବିଧାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଦାବିପୂରଣ ହେଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବଲାଙ୍ଗୀର ଏସପିଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

### ବିଧାନସଭା ଯିବା ପୂର୍ବରୁ ଜେଲଗଲେ ବିଧାୟକ

**ବଲାଙ୍ଗୀର ଅଫିସ, ୨୪।୬:** ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ଓଡିଶା ବିଧାନ ସଭାର ପ୍ରଥମ ଅଧିବେଶନରେ ଯୋଗଦେବା ପୂର୍ବରୁ ନବନିର୍ବାଚିତ ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କୁ ସୋମବାର ଜେଲ ଯିବାକୁ ପଡିଛି। ୨୦୧୯ ନିର୍ବାଚନରେ ପାଟଣାଗଡ ବିଧାନସଭା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ମେହେର ଭାଜପା ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓଙ୍କୁ ପରାସ୍ତ କରିବା ପରେ ରାତାରାତି ଚର୍ଚ୍ଚାର ପରିସରକୁ ଆସିଥିଲେ। ୧୯୯୫ ମସିହାରୁ ଲଗାତାର ଭାବେ ବିଜୟୀ ହୋଇ ଆସୁଥିବା କନକଙ୍କ ବିଜୟ ଧାରାରେ ରୋକ୍ ଲଗାଇବାରେ ସେ ସଫଳ ହୋଇଥିଲେ। କନକଙ୍କୁ ୧୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଥିବା ସରୋଜ ମେହେର ନିଜ ସତ୍ୟପାଠରେ ୩୧ କୋଟିର ସମ୍ପତ୍ତି ତାଲିକା ଉଲ୍ଲେଖ କରିବା ପରେ ରାଜ୍ୟର ଅନ୍ୟତମ ଧନୀ ପ୍ରାର୍ଥୀ ତାଲିକାରେ ସାମିଲ ହୋଇଥିଲେ। ନିର୍ବାଚିତ ହେବାର ୧୩ ଦିନ ପରେ ଅର୍ଥାତ୍ ଜୁନ୍ ୫ ତାରିଖ ଦିନ ଗମ୍ଭାରୀ ଗାଁର ରାସ୍ତାକାମ ତଦାରଖ କରିବାକୁ ଯାଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ନିମ୍ନମାନର ରାସ୍ତାକାମ ପାଇଁ ଦାୟୀ କରି ଲୋକଙ୍କ ସମ୍ମୁଖରେ ଉଠବସ୍ ହେବାକୁ ବାଧ କରିବା ଘଟଣା ପରେ ସେ ବିବାଦୀୟ ହୋଇପଡିଥିଲେ। ଏହାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରି ଆନ୍ଦୋଳନ ତେଜିଥିଲା। ଏହାକୁ ନେଇ ପାଟଣାଗଡ ନିର୍ବାଚନ ମଣ୍ଡଳୀ ସମେତ ବଲାଙ୍ଗୀର ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା। ସରୋଜ ଏଥର ବିଧାନସଭାରେ ପଡିଆରା ଦେଖାଇବେ ବୋଲି ତାଙ୍କ ସମର୍ଥକମାନେ ଭାବୁଥିଲେ। ୨୫ତାରିଖି ବିଧାନସଭା ଆରମ୍ଭ ହେବା ତେବେ ବିଧାନସଭାକୁ ଯିବାର ଦିନକ ପୂର୍ବରୁ ବିଧାୟକ ମେହେର ଜେଲ ଯିବା ଏବେ ସତ୍ୟତମ ଚର୍ଚ୍ଚାର ବିଷୟ ହୋଇଛି। ବିଧାୟକ ଜେଲ ଯାଇଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି।

### ରାଜେନ୍ଦ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ

# ତଣ୍ଟି ଚିପି ମାରି ଦେଇଥିଲେ

**ଟିଟିଲାଗଡ଼, ୨୪।୬ (ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

- ହତ୍ୟା ପରେ ମୃତଦେହ ରାସ୍ତାକଡ ଜମିକୁ ଫିଙ୍ଗି ଦେଇଥିଲେ
- ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ବାଇକ୍ ଭାଙ୍ଗିଥିଲେ
- ମୁଖ୍ୟ ଅଭିଯୁକ୍ତ ଗିରଫ

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମର ରାଜେନ୍ଦ୍ର ଛତର ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଉଜ୍ଜ୍ୱଳମଣି ବାଗଙ୍କୁ ପୋଲିସ ଗିରଫ କରିଛି। ସୋମବାର ଟିଟିଲାଗଡ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଅଭିଯୁକ୍ତ ମୁରିବାହାଲ ଥାନା ଅନ୍ତର୍ଗତ ଦେସିଲର ଉଜ୍ଜ୍ୱଳମଣୀଙ୍କର ମୃତକଙ୍କ ପରିବାର ସହ ୨୦୦୭ରୁ ସମ୍ପର୍କ ରହିଥିଲା। ହେଲେ ପରେ ତାଙ୍କ ଘରକୁ ଉଜ୍ଜ୍ୱଳମଣିଙ୍କ ଯିବାଆସିବା ନେଇ ରାଜେନ୍ଦ୍ର ବିରୋଧ କରୁଥିଲେ। ଏହାକୁ ନେଇ ବହୁ ସମୟରେ ପରିବାରରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିଲା। ଗତ ୧୯ତାରିଖି ଅପରାହ୍ନରେ ହତ୍ୟାକାଣ୍ଡ ଦିନ ଅଭିଯୁକ୍ତ ଘଣ୍ଟବାହାଲି ଗ୍ରାମ ନିକଟସ୍ଥ ବନ୍ଧ ପାଖରେ ଥିଲେ। ସେହି ରାସ୍ତାଦେଇ ଅପରାହ୍ନ ପ୍ରାୟ ୪ଟାରେ ରାଜେନ୍ଦ୍ର ଏକ ବାଇକ୍‌ରେ ଯିବା ବେଳେ ଉଜ୍ଜ୍ୱଳମଣିଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେଠାରୁ ଉଭୟେ ଗାଁପାଖ ଏକ ବ୍ରିଜ ପାଖକୁ ଯାଇ ମଦ ପିଇଥିଲେ। ଏହି ସମୟରେ ସେଠାରେ ଉଜ୍ଜ୍ୱଳମଣିଙ୍କର ଜଣେ ସହଯୋଗୀ ମଧ୍ୟ ଉପସ୍ଥିତ ଥିଲେ। ମଦ ପିଇବା ପରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଜ୍ଜ୍ୱଳମଣି ଏକ ଗାମୁଛାରେ ରାଜେନ୍ଦ୍ରଙ୍କ ବେକକୁ ଚିପି ମାରି ଦେଇଥିଲେ। ପରେ ବାଇକ ଓ ମୃତଦେହକୁ ଘଟଣାସ୍ଥଳରୁ ଆଣି ରାସ୍ତାକଡ ଜମିକୁ ଫିଙ୍ଗି ଦେଇଥିଲେ। ଏହାକୁ ଏକ ଦୁର୍ଘଟଣାର ରୂପ ଦେବା ପାଇଁ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ପୋଲିସ ଅନୁସନ୍ଧାନରେ ସମସ୍ତ ତଥ୍ୟ ସହ ହତ୍ୟାକାଣ୍ଡରେ ବ୍ୟବହୃତ ଗାମୁଛା, ପଥର, ଖାଲି ଥିବା ମଦ ପାଉଚ ଜରି, କୋଲ୍ଡ୍ରିଙ୍କ ବୋତଲ ଆଦି ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ବିବେଚନା କରି ପୋଲିସ ଦଫା ୩୦୨, ୩୪ରେ ଏକ ମାମଲା (ନଂ. ୧୧୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମୃତକଙ୍କ ସ୍ତ୍ରୀଙ୍କୁ ହତ୍ୟା ସମ୍ପର୍କରେ ପୋଲିସ ପଚରାଉଚରା କରିଥିଲା। ତାଙ୍କ ବୟାନରେ ତାଳମେଳ ନ ଥିବା ଉପଲବ୍ଧି କରି ପୋଲିସ ତାଙ୍କୁ ସନ୍ଦେହ ପରିସରକୁ ଆଣିଥିଲା। ପରେ ତାଙ୍କ ମୋବାଇଲ ଫୋନ କଲ ରେକର୍ଡକୁ ଯାଞ୍ଚ କରାଯାଇଥିଲା। ହତ୍ୟା ପୂର୍ବରୁ ଓ ପରେ ଉଜ୍ଜ୍ୱଳମଣୀଙ୍କ ସହ ସେ ଏକାଧିକ ଥର କଥା ହୋଇଥିବା ଯାଞ୍ଚରୁ ଜଣାପଡିଥିଲା। ଏହି ତଥ୍ୟ ପାଇବା ପରେ ପୋଲିସ ଉଜ୍ଜ୍ୱଳମଣିଙ୍କୁ ସୋମବାର ସକାଳେ ତାଙ୍କ ଗାଁ ଦେସିଲରୁ ଧରିଥିଲା। ତାଙ୍କୁ ଜେରା ବେଳେ ସେ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହି ହତ୍ୟାକାଣ୍ଡରେ ମୃତକଙ୍କ ସ୍ତ୍ରୀ ଏବଂ ମଦ ପିଇବା ସମୟରେ ଉପସ୍ଥିତ ଫେରାର ଅଭିଯୁକ୍ତଙ୍କର ସମ୍ପୃକ୍ତି ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ଏସଆଇ ମୋହିନୀ ମଲ୍ଲିକ, ଏସଆଇ ମନୋଜ ମୁଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ୧୯ ତାରିଖ ରାଜେନ୍ଦ୍ରଙ୍କ ମୃତଦେହ ବାଗଡେର ଗାଁ ପାଖ ରାସ୍ତାକଡରେ ପଡିଥିବା ଦେଖିବାକୁ ମିଳିଥିକଲା।

### ଅଳପ୍ ବରଷାରେ ଦର୍‌ହ ପାଲଟୁଛେ ପଢ଼ାକୁଠି

## ବାରନ୍‌ଡାରେ ପାଠ୍ ପଢୁଛନ୍ ଛାତ୍ରୀଛାତ୍ର

**ଲାଠୋର, ୨୪।୬ (ଡି.ଏନ୍.ଏ)**


ବିପଦ୍ ଅବସ୍ତାରେ ଥିବାର ସାନଗୁର୍ଜିଭଟା ସ୍କୁଲର ପଢ଼ାକୁଠି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଁଚେତ୍ ସାନଗୁର୍ଜିଭଟା ସରକାରୀ ନୂତନ ଉପ୍ରା ବିଦ୍ୟାଳୟ। ଅଳପ ବରଷାରେ ବି ସ୍କୁଲର ପଢ଼ାକୁଠିମାନକେ ପାଏନ୍ ଗଲୁଛେ। ଯେନ୍‌ଥିରଲାଗି ଛାତ୍ରୀଛାତ୍ର, ଶିକ୍ଷକ ନାନା ସମସିଆର ସାମନା କରବାର ସଂଗେ ପାଠ୍‌ପଢ଼ା ବାରନ୍‌ଡାରେ ହେଉଥିବାର ଅଭିଯୋଗ ହେଉଛେ।

ସୂଚନା ଅନ୍‌ସାରେ ୧୯୬୦ ସାଲେ ଥାପିତ ଇ ବିଦ୍ୟାଳୟରେ ଏହେଦେ ପରଥମରୁ ୮ମ ଶ୍ରେଣୀ ତକ୍ ୧୩୮ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ସେନ୍‌ତା ଛାତ୍ରୀଛାତ୍ରକୁଁ ପାଠ୍ ପଢ଼ାବାର ଲାଗି ୫ ଝନ୍ ଶିକ୍ଷକ ରହିଛନ୍। ସ୍କୁଲରେ ୮ଟା ଶ୍ରେଣୀର ଲାଗି ଗୁଟେ ନ ପଢ଼ାକୁଠି ରହିଥିଲାବେଲେ ଦୁଇଟା କୁଠି ଭଂଗା ଦଦ୍‌ରା ହେଇ ପଡ଼ିଛେ। ଯେନ୍‌ଥିରଲାଗି ୧ମରୁ ୪ର୍ଥ ଶ୍ରେଣୀ ତକ୍ ଛାତ୍ରୀଛାତ୍ର ଗୁଟେ କୁଠିଥି ବସି ପଢୁଥିଲାବେଲେ ବାକି ଶ୍ରେଣୀର ଛାତ୍ରୀଛାତ୍ର ବାରନ୍‌ଡାରେ ବସି ପଢୁଛନ୍। ସେନ୍‌ତା ସ୍କୁଲରେ ଗୁଟେ ଅଫିସ ଘର ରହିଥିଲେ ବି ସେଠାନେ ପାଦ୍ ରଖବାର ଲାଗି ଜାଗା ନାଇଁ। ପିଲାକର ବହିପତର, ସରକାରୀ ଗାଜପତର, ଆଲମିରା, ଏମ୍‌ଡିଏମ୍ ସାମାନ ସେ ଗୁଟେ କୁଠିଥି ରଖିଲାବେଲେ ସେଠାନେ ପିଲାକୁ ବସେଇ ପଢ଼ାବାର ସମ୍ଭବ ନାଇଁ ହେବାର। ଯେନ୍‌ଗୁଟେ ପଢ଼ାକୁଠି ଅଛେ ସେଟା ୨୦୦୪-୦୫ ସାଲେ ତିଆର ହେଇଥିଲା, ହେଲେ ସେ କୁଠିର ଛାତୁ ବି ସିମେଟ ଚକ୍‌ଡ଼ା ଛାଡ଼ି ଲୁହାଛଡ଼ମାନ ଦିଶୁଛେ। ଯେନ୍‌ତା ଛାତ୍ରୀଛାତ୍ର, ଶିକ୍ଷକମାନକର ଜୀବନ୍ ଉପରେ ବିପଦ୍ ସୁରୁଷ୍ଟି କରବାର ସଂଗେ ଅଳପ ବରଷାରେ ପାଏନ୍ ଗଲୁଛେ। ଏନ୍‌ତାଥି ପିଲାକର ପାଠ୍‌ପଢ଼ାରେ ବି ଖେଲଡ଼େପ ହେଉଛେ। ଇ ବାବ୍‌ଦେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ସେଠକୁଁ ପଚରାଲାରୁ ଫିମାସ ଆମେ ସମସିଆ ବାବ୍‌ଦେ ସିଆର୍‌ସିସିକୁଁ ଜନଉଛୁଁ। ହେଲେ ସେ ଉପର ଅଧିକାରୀମାନକର ସଂଗେ ଆଲୋଚନା କରୁଛନ୍ କି ନାଇଁ ଆମେ ଜାନି ନାଇଁ ପାରବାର। ଶେଷେ ଉପେ ଶୁଇନ୍ ହେଇ ବିପଦ୍ ଅବସ୍ତାରେ ଥିବାର ପଢ଼ାକୁଠିର ବାରନ୍‌ଡାରେ ଛୁଆକୁ ପାଠ୍ ପଢ଼ଉଛୁଁ ବଲି ସେ କହିଥିଲେ।

## ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

**ବଲାଙ୍ଗୀର ଅଫିସ, ୨୪।୬**

ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଭାପତିନୀଳମଣିମିଶ୍ରଙ୍କଅଧକ୍ଷତାରେ ସ୍ଥାନୀୟ ମନୋହରପୁରସ୍ଥିତ ପୋଲିସ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଯାଜ୍ଞସେନୀ ମିଶ୍ର, ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ, ବିରାଟ କେଶରୀ ପ୍ରଧାନ, ସରୋଜ କୁମାର ମାଝି, ରାଜେନ୍ଦ୍ର କୁମାର ବନଛୋର, କିଶୋରୀ ମୋହନ ଡାଙ୍ଗ, କୃଷ୍ଣପ୍ରିୟା ପଣ୍ଡା, ଶରତ କୁମାର ନାଗ ଓ ତ୍ରିନାଥ ମନହୀରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପୂର୍ବତନ ସଭାପତି ସତ୍ୟବନ୍ତ ବେଦ୍‌ବାଗ, ସମ୍ପାଦକ ରଘୁନାଥ ମିଶ୍ର, ଉପସଭାପତି ଗୋପବନ୍ଧୁ ପୁରୋହିତ, ସହସମ୍ପାଦକ ପର୍ଶୁରାମ ନାୟକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କିଶୋର ମୋହନ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟ।

## କେନ୍ଦୁପତ୍ର ତୋଳାକୁ ୩ ମାସ ବିତିଲା: ଏଯାଏ ମିଳିନି ଶ୍ରମିକଙ୍କୁ ପ୍ରାପ୍ୟ

**ଲୋଇସିଂହା,୨୪।୬(ଡି.ଏନ.ଏ.)**

ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର କେନ୍ଦୁପତ୍ର ତୋଳାଳି ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଫଡି ଚେକର, ମୁନସୀଙ୍କୁ ଜଣାଇ ନିରାଶ ହେବାକୁ ପଡିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସୂଚନାମତେ, ଖାରବନ୍ଧଲି ରେଞ୍ଜ ନଅଗାଁ(ଖ) ଫଡି ଅଧୀନ ନଅଗାଁ, ଦାସପାଲି, ସାନଟିକା ଗ୍ରାମର ଶ୍ରମିକ କେନ୍ଦୁପତ୍ର ତୋଳାରେ ନିୟୋଜିତ ହୋଇଥିଲେ। ଚଳିତ ବର୍ଷ ପ୍ରାୟ ୨ ଶହ ଶ୍ରମିକ ଗତ ଏପ୍ରିଲରେ ପତ୍ର ସଂଗ୍ରହ କରିଥିଲେ। ଏଥର ଅଦିନିଆ ବର୍ଷା, କୁଆପଥର ବୃଷ୍ଟି ଯୋଗୁ ଉତ୍ପାଦନ ହ୍ରାସ ପାଇଥିଲା। ବିଭାଗ ପକ୍ଷରୁ ପତ୍ର ସଂଗ୍ରହ ଦିବସକୁ ହ୍ରାସ କରାଯାଇଥିଲା। ଚଳିତ ବର୍ଷ ମାତ୍ର ୪ ଦିନ ପତ୍ର ସଂଗ୍ରହ କରି ଫଡିକୁ ଦେଇଥିଲେ ଶ୍ରମିକ। ଇତିମଧ୍ୟରେ ପତ୍ର ସଂଗ୍ରହର ୩ ମାସ ବିତି ଯାଇଛି। ଆଗକୁ ରଥଯାତ୍ରା ଆସୁଛି। ହେଲେ ପତ୍ର ସଂଗ୍ରହ ବାବଦ ପ୍ରାପ୍ୟ ଏଯାଏ ମିଳି ନ ଥିବା ନୀଳାନ୍ଦ୍ରି ସାହୁ, ତୁଳାବତୀ ହରପାଲ, ଉମା ସାହୁ, ପ୍ରମିଳା ମିଶ୍ର, ସରସ୍ୱତୀ ସାହୁ, ରୁକ୍ମିଣୀ ମିଶ୍ର ଅଭିଯୋଗ ଆଣିଛନ୍ତି।

### କେନ୍ଦ୍ରର ଘର ତିଆରି ହେଇ ପଡ଼ିରହିଛେ

## ସ୍କୁଲ ବାରନ୍‌ଡାରେ ଚାଲିଛେ ଅଙ୍ଗନୱାଡି କେନ୍ଦ୍ର

**ଲାଠୋର, ୨୪।୬ (ଡି.ଏନ୍.ଏ)**


ସ୍କୁଲ ବାରନ୍‌ଡାରେ ଅଙ୍ଗନୱାଡି କେନ୍ଦ୍ରର କାମ୍ ଚାଲିଛେ।

ସରକାର ଗାଁଗଁଲିରୁ ସହରତକ୍ ସବୁ ଜାଗାରେ ଅଙ୍ଗନୱାଡି କେନ୍ଦ୍ର ଖୁଲୁଛନ୍। ଗୁଟେ କେନ୍ଦ୍ରରେ ମୁଖିଆ ଘର ସମେତ ରନ୍ଧାଘର, ଶୌଚାଳୟ, ପିଇଲା ପାଏନ୍ ସୁବିଧାର ଲାଗି ନଲ୍‌ଚୁଆଁ, ସୁବିଧା ଥିଲେ ବିଦ୍ୟୁତ୍ ସଂଯୋଗର ବେବସ୍ତା କରାଯାଉଛେ। ହେଲେ ଅନେକ ଜାଗାରେ କେନ୍ଦ୍ରମାନ ଅନେକ ସୁବିଧାରୁ ବଁଚିତ୍ ଥିବାର ଦେଖିବାକେ ମିଲୁଛେ। ଯେନ୍‌ଥିରଲାଗି ହିତାଧିକାରୀମାନେ ନାନା ସମସିଆର ସାମନା କରୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେଦେର ପଁଚେତ୍ ଅଧୀନ ଭରୁଆମୁଣ୍ଡା ଗାଁରେ। ସୂଚନା ଅନ୍‌ସାରେ ଇ କେନ୍ଦ୍ର ୬ ମାସରୁ ୩ ବଛରର ଛୁଆ, ୩ରୁ ୬ ବଛର ତକ୍ ପ୍ରିସ୍କୁଲ ଛୁଆ, ଗରଭବତୀ ଆର ପ୍ରସୂତି ମହିଲାକୁ ମିଶେଇ ମୋଟ ୭୪ ଝନ୍ ହିତାଧିକାରୀକୁଁ ସେବା ଯୁଗେଇ ଦେଉଛେ। ଲକ୍ଷାଧିକ୍ ଟଁକା ଖରଚ୍‌ରେ ଇଠାନେ ଗୁଟେ କେନ୍ଦ୍ର ତିଆର ହେଇଛେ ସତ୍, ହେଲେ ଶୌଚାଳୟର ଅଭାବ ରହିଛେ। ଗଲା ୨୦୧୪-୧୫ରୁ କେନ୍ଦ୍ରର ଘର ତିଆରି କାମ୍ ସରିଥିଲେ ବି କରମୀକଁର ଜିମା ନାଇଁ ଦିଆଯାଇ। ଯେନ୍‌ଥିରଲାଗି କେନ୍ଦ୍ରଟା ବନେ ଦିନାକେତେ ଇତାର ତାର ବାରନ୍‌ଡାରେ ଚାଲ୍‌ଲା ଉତାରୁ ବଛର ବଛର ହେଲା ଗାଁର ସ୍କୁଲ ବାରନ୍‌ଡାରେ ଛୁଆକୁ ନେଇ ଅଙ୍ଗନୱାଡି କାମ୍ ଚାଲିଛେ। ଟୀକାକରନକୁ ଆରମ୍ କରି ଗରଭ୍‌ବତୀ, ପ୍ରସୂତି ମହିଲାକଁର ପରୀକ୍ଷା ନିରୀକ୍ଷା ବି ସ୍କୁଲ ବାରନ୍‌ଡାରେ ଚାଲିଛେ। ଫିମାସ ପ୍ରଗତୀ ରିପୋର୍ଟରେ କେନ୍ଦ୍ରର କରମୀ ସମସିଆ ବାବ୍‌ଦେ ବିଭାଗୀୟ କତୃରପକ୍ଷକୁଁ ଲେଖି ଦେବାର ସଂଗେ ପଁଚେତ୍ ଆର ବ୍ଲକ ପରଶାସନକେ କହି ଆସୁଛନ୍। ହେଲେ ଆଏଜ୍‌ତକ ସମସିଆର ସମାଧାନ ନାଇଁ ହେଇପାରି। ଇ ବାବ୍‌ଦେ କେନ୍ଦ୍ରର କରମୀକୁଁ ପଚରାଲାରୁ ମୁଇଁ ପଁଚେତ୍‌ନୁ ମୂଳ କରି ବ୍ଲକ ପରଶାସନ ତକ୍ ସମକୁ କେନ୍ଦ୍ରର ସମସିଆ ବାବ୍‌ଦେ କହିଆସୁଛେଁ। ହେଲେ କେହି ମୋର କଥାକେ ଗୁରୁତ୍ ନାଇଁଦେବାର। ଶେଡେ ଉପେ ଶୁଇନ୍ ହେଇ ବଛର ବଛର ହେଲା ଗାଁ ସ୍କୁଲ ବାରନ୍‌ଡାରେ ସରକାରୀ କାମ୍ ତୁଲଉଛେଁ ବଲି ସେ କହିଥିଲେ। ଯେତେ ଜଲଦି ହେବା ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ଜନସାଧାରନ୍ ଦାବି କରିଛନ୍।

## ବ୍ୟବସାୟୀ ଖୁଚୁରା ଟଙ୍କା ଗ୍ରହଣ ନ କଲେ କାର୍ଯ୍ୟାନୁଷ୍ଠାନ

**ଲୋଇସିଂହା,୨୪।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଶ୍ରୀୟାଂସ ଭାରତ ଗ୍ୟାସ ଏଜେନ୍ସି ଉପଭୋକ୍ତାଙ୍କଠାରୁ ଖୁଚୁରା ଟଙ୍କା ଗ୍ରହଣ କରୁନାହାନ୍ତି। ଏନେଇ ଜନୈକ ଉପଭୋକ୍ତା ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉପସ୍ଥିତିରେ ଉଭୟ ପକ୍ଷ ଆଲୋଚନା ପରେ ଗ୍ୟାସ ଏଜେନ୍ସି ମାଲିକ ଉପଭୋକ୍ତାଙ୍କଠାରୁ ଖୁଚୁରା ଟଙ୍କା ଗ୍ରହଣ କରିବାକୁ ରାଜି ହୋଇଛନ୍ତି। ପ୍ରକାଶ ଯେ, ସହର ହେଉ କି ଗ୍ରାମାଞ୍ଚଳରେ ଖୁଚୁରା ୧ ଏବଂ ୨ ଟଙ୍କିଆ ନେବାକୁ ବ୍ୟବସାୟୀ ନାରାଜ। ଯା ଫଳରେ ଘରେଘରେ ଖୁଚୁରା ଟଙ୍କା ଜମା ହୋଇ ରହିଯାଉଛି। ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଲୋକେ ସଉଦା କରିବାକୁ ହଟହଟା ହେଉଛନ୍ତି। ଗ୍ରାମାଞ୍ଚଳର ଛୋଟ ବ୍ୟବସାୟୀ ହୋଲସେଲର ପାଖକୁ ଗଲେ ଖୁଚୁରା ନେବାକୁ ନାରାଜ। ଛୋଟ ବ୍ୟବସାୟୀ ମଧ୍ୟ ଜନସାଧାରଣଙ୍କଠାରୁ ଖୁଚୁରା ନେଉ ନାହାନ୍ତି। ଲୋଇସିଂହାର ଜଣେ ବ୍ୟକ୍ତି ସ୍ଥାନୀୟ ଭାରତ ଘ୍ୟାସ ଏଜେନ୍ସିକୁ ସିଲିଣ୍ଡର ଆଣିବାକୁ ଯାଇଥିଲେ। ସେତେବେଳେ ସିଲିଣ୍ଡର ଦର ୭୫୮ ଟଙ୍କା ଥିବାବେଳେ ୭୬୦ ଟଙ୍କା ଦେବାକୁ କହିଥିଲେ। ଉପଭୋକ୍ତ ଜଣକ ୭ଶହଟଙ୍କା ନୋଟ ଦେଇଥିବାବେଳେ ବାକି ଖୁଚୁରା ଟଙ୍କା ଦେଇଥିଲେ। ହେଲେ ଖୁଚୁରା ଟଙ୍କାକୁ ନେବାକୁ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଏ ନେଇ ସଂପୃକ୍ତ ବ୍ୟକ୍ତି ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗ୍ୟାସ ଏଜେନ୍ସି ମାଲିକ ଖୁଚୁରା ଟଙ୍କା ନେଇ ସିଲିଣ୍ଡର ଦେବାକୁ ରାଜି ହୋଇଥିବା ଆଇଆଇସି ଲଳିତା ଲେକ୍ରା କହିଛନ୍ତି। କେବଳ ଗ୍ୟାସ ଏଜେନ୍ସି ନୁହେଁ, କୌଣସି ବ୍ୟବସାୟୀ ଓ ବ୍ୟାଙ୍କ ଖୁଚୁରା ଟଙ୍କା ଗ୍ରହଣ ନ କଲେ ପୋଲିସକୁ ଜଣାନ୍ତୁ ବୋଲି ସେ ପ୍ରକାଶ କରିଥିଲେ।

### ମାଟ୍ରିକ୍ ସାର୍ଟିଫିକେଟ, ମାର୍କଶିଟ ଦାବି

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୪।୬**



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାଟ୍ରିକ୍ ପାସ ଛାତ୍ରୀଛାତ୍ରଙ୍କୁ ଶୀଘ୍ର ସାର୍ଟିଫିକେଟ ଓ ମାର୍କଶିଟ ଯୋଗାଇ ଦେବା ଦାବିରେ ସୋମବାର ଅଲଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବୋର୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ମଇ ୨୧ ତାରିଖରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଫଳ ପ୍ରକାଶନ ସମୟରେ ମଇ ୩୧ ମଧ୍ୟରେ ବୋର୍ଡ ସାର୍ଟିଫିକେଟ ମିଳିବ ବୋଲି ସଚିବ, ମନ୍ତ୍ରୀ ଓ ବୋର୍ଡ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ତେବେ ଏକମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ମିଳିଲା ନାହିଁ। ଯୁକ୍ତଦୁଇ ଶ୍ରେଣୀରେ ନାମଲେଖା ଜୁଲାଇ ୩ରୁ ଆରମ୍ଭ ହେବ। ଏପଟେ ସାର୍ଟିଫିକେଟ ପାଇନଥିବାରୁ ଛାତ୍ରୀଛାତ୍ରମାନେ ଭୟ ଓ ଆଶଙ୍କାରେ ରହିଛନ୍ତି। ପରୀକ୍ଷା ପରିଚାଳନା, ପରୀକ୍ଷା ଫଳ ପ୍ରକାଶନ ଏବଂ ସାର୍ଟିଫିକେଟ୍ ଯୋଗାଣ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଫି ଆକାରରେ କୋଟିକୋଟି ଟଙ୍କା ଆଦାୟ କରାଯାଉଥିଲେ ମଧ ଘୋଷଣା ମୁତାବକ ନିର୍ଦ୍ଧାରିତ ତାରିଖରେ ସାର୍ଟିଫିକେଟ ପ୍ରଦାନ କରାଯାଉ ନ ଥିବାରୁ ସଂଗଠନ ତରଫରୁ ନିନ୍ଦା କରାଯାଇଛି। କ୍ରମାଗତ ଅବହେଳା ପ୍ରଦର୍ଶନ କରି ମାଟ୍ରିକ ବୋର୍ଡକୁ ଘରୋଇକରଣ କରିବା ପାଇଁ ଏହି ସବୁ ଅବ୍ୟବସ୍ଥା ସୃଷ୍ଟି କରାଯାଉଛି ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଅଭିଯୋଗ କରାଯାଇଛି। ଆଡ୍‌ମିଶନ ଆରମ୍ଭ ହେବା ପୂର୍ବରୁ ତୁରନ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ବିକ୍ଷୋଭ ସମାବେଶରେ ଜିଲା ସଭାପତି ସୁନୀଲ ଭେଇ, ସମ୍ପାଦକ ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା, ତ୍ରିଲୋଚନ ସାହୁ, ରାଜୀବ ମହାକୁର, ଖୁସିରାମ ସୁନା, ମମତା ନାଏକଙ୍କ ସମେତ ଅନ୍ୟ ସଦସ୍ୟ ସାମିଲ ଥିଲେ।

## ସ୍କାଉଟ ମାଷ୍ଟରଙ୍କ ତାଲିମ ଶିବିର

**ବଲାଙ୍ଗୀର ଅଫିସ, ୨୪।୬**

ବଲାଙ୍ଗୀର ସରକାରୀ ଟାଉନ ବାଳିକା ଉଚ୍ଚବିଦ୍ୟାଳୟରେ ସୋମବାରଠାରୁ ସ୍କାଉଟ ମାଷ୍ଟରମାନଙ୍କ ବେସିକ ତାଲିମ ଶିବିର ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲବଣୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଚିଫ୍ କମିଶନର ସ୍କାଉଟ୍ ଓ ଗାଇଡ ତଥା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ତଥା ଉପସଭାପତି ସ୍କାଉଟ ଗାଇଡ୍ ଗିଚପାଲ ସାଗର, ମୁଖ୍ୟ ଉପଦେଷ୍ଟା ସନାତନ ଠାକୁର, ଜିଲା ସମ୍ପାଦକ ସ୍କାଉଟ ଗାଇଡ୍ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ ସାଧନକର୍ମୀ ଡା ପ୍ରଶାନ୍ତ କୁମାର ମିଶ୍ର ଯୋଗଦାନ କରିଥିଲେ। ଜିଲା ଅର୍ଗାନାଇଜିଙ୍ଗ୍ କମିଶନର ଗାଇଡ୍ କସ୍ତୁରୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ତାଲିମ ଶିବିରରେ ୪୫ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି। ରାଜ୍ୟ ସାଧନକର୍ମୀ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ସହିତ ଜିଲାସ୍ତରର ସାଧନକର୍ମୀ ଅଙ୍ଗୀରା ସାହୁ, ତୀର୍ଥବାସୀ ସାଏ, ନୀଳାଞ୍ଚଳ ଚିରଗୁନ୍, ଦେବାଶିଷ ମେହେର, ବସନ୍ତ ମେହେର, ଚିତ୍ତରଞ୍ଜନ ପଟେଲ, ହେମନ୍ତ ପଧାନ ୭ ଦିନ ଧରି ଚାଲିବାକୁଥିବା ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ସମସ୍ତ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କରିବେ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା



## ସଂକ୍ଷେପରେ

### ଟ୍ରକ୍-ପିକ୍ଅପ୍ ଭ୍ୟାନ୍ ଧକ୍କା, ୨ ଗୁରୁତର

**ଭବାନୀପାଟଣା,୨୪।୬ (ଡି.ଏନ୍.ଏ.)-** ୨୬ ନମ୍ବର ଜାତୀୟ ରାଜପଥ କେସିଙ୍ଗା ବ୍ଲକ ଅଧୀନ ଗାଇଗାଁ ନିକଟରେ ଏକ ଟ୍ରକ୍ ଓ ପିକ୍ଅପ୍ ଭ୍ୟାନ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗାଇଗାଁ ନିକଟ ରାଇସମିଲ୍ ପାର୍ଶ୍ୱରେ ଭବାନୀପାଟଣାରୁ ଆସୁଥିବା ଏକ କୁକୁଡା ବୋଝେଇ ପିକ୍ଅପ୍ ଭ୍ୟାନ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲା। ସେତିକିବେଳେ ଏକ ଟ୍ରକ୍ ଭାରସାମ୍ୟ ହରାଇ ପିକ୍ଅପ୍ ଭ୍ୟାକୁ ଧକ୍କା ଦେଇଥିଲା। ଫଳରେ ପିକ୍ଅପ୍ ଭ୍ୟାନ ଗାଡି ଡ୍ରାଇଭର ସହ ଗାଡିରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଭବାନୀପାଟଣା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଭାବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଗାଡି ଦ୍ୱୟକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

### ଟ୍ରାକ୍ଟର ଚାପାରେ ଶ୍ରମିକଙ୍କ ମୃତ୍ୟୁ

**କୋକସରା ୨୪।୬ (ଡି.ଏନ.ଏ.)-** ଏକ ଟ୍ରାକ୍ଟର ଚାପାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋକସରା ବ୍ଲକ ଟେମରା ପଞ୍ଚାୟତ ଅଧୀନ କର୍ଲାଗୁଡ଼ା ଗ୍ରାମର ମହେଶ୍ୱର ପଟେଲ(୩୨)। ମିଳିଥିବା ସୂଚନା ମୁତାବକ, ମହେଶ୍ୱର ରବିବାର ଗ୍ରାମର ସାଥୀ ଶ୍ରମିକଙ୍କ ସହ ଇଟା ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ଶ୍ରମିକମାନେ ମହିମା ଗ୍ରାମ ନାଲା ପାଖରୁ ଏକ ଟ୍ରାକ୍ଟରରେ ଇଟା ବୋଝେଇ କରି ଆସୁଥିଲେ। ହେଲେ ମହେଶ୍ୱର ଟ୍ରାକ୍ଟର ଡାଲାରେ ବସିଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡି ପଛ ଚକାରେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଟ୍ରାକ୍ଟର ମାଲିକ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣା ସଂକ୍ରାନ୍ତରେ ଆମପାଣି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଆମପାଣି ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ(ନଂ.୪୨/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଏଏସ୍ଆଇ ଝଜନେଶ୍ୱର ନାଏକ କହିଛନ୍ତି। ମହେଶ୍ୱର ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ୪ ବର୍ଷର ଝିଅ ଅଛନ୍ତି। ବର୍ତ୍ତମାନ ମହେଶ୍ୱରଙ୍କ ସ୍ତ୍ରୀ ଗର୍ଭବତୀ ଥିବା ଜଣାପଡିଛି। ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଫସଲ ବୀମା ଦାବିରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଗୋଲାମୁଣ୍ଡା,୨୪।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜଲା ଗୋଲାମୁଣ୍ଡା ବ୍ଲକର ସମସ୍ତ ପଞ୍ଚାୟତକୁ ୨୦୧୭-୧୮ ଅର୍ଥିକ ବର୍ଷର ଫସଲ ବୀମା ଟଙ୍କା ପ୍ରଦାନ ଦାବିରେ ବ୍ଲକ କିଷାନ ସଂଘ ଓ ସରପଞ୍ଚ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଫସଲ ବୀମା ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଗତ ଖରିଫ ଋତୁରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ହାନି ହୋଇଥିଲା। ଏନେଇ ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ ଏହାର ତଦାରଖ କରି କ୍ରପ କଟିଂ ରିପୋର୍ଟ ଦେଇଥିଲେ। ହେଲେ ଚାଷୀଙ୍କୁ ବୀମା ଟଙ୍କା ମିଳି ପାରି ନାହିଁ। ଏନେଇ ବ୍ଲକ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ କିଷାନ ସଂଘର କର୍ମକର୍ତ୍ତା ଏବଂ ବ୍ଲକ ସରପଞ୍ଚ ସଂଘର କର୍ମକର୍ତ୍ତା ରାଜ୍ୟ ଶକ୍ତି, ଶିଳ୍ପ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଏବଂ ଗୃହ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଧ୍ୟ ସଂଘ କର୍ମକର୍ତ୍ତା ଏକ ଦାବିପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀ ସ୍ୱାଇଁ ଓ ବିଭାଗୀୟ ସଚିବ ଏସଂକ୍ରାନ୍ତରେ ସମ୍ପୃକ୍ତ ବୀମା କମ୍ପାନୀକୁ ଫୋନରେ ଯୋଗାଯୋଗ କରି ଗୋଲାମୁଣ୍ଡା ବ୍ଲକକୁ ଯଥା ଶୀଘ୍ର ୨୦୧୭-୧୮ ଆର୍ଥିକ ବର୍ଷର କୃଷୀ ବୀମା ପ୍ରଦାନ କରିବାକୁ କହିଥିଲେ। ଦାବିପତ୍ର ପ୍ରଦାନ ବେଳେ କିଷାନ ସଂଘ ପକ୍ଷରୁ ସୁବାଷ ରାଉତ, ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗିରିଧାରୀ ତେଜି, ଗୋବିନ୍ଦ ବାଗ, ରାହାସ ବିହାରୀ ନାଏକ,ନାକୁ ବଂଜାରା ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ କିଷାନ ସଂଘ ଏବଂ ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଗୋଲାମୁଣ୍ଡା ବ୍ଲକ**

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଭବାନୀପାଟଣା,୨୪।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନ ଚିଲପଡ଼ା ଗ୍ରାମ ନିକଟସ୍ଥ ଏକ ଗମ୍ଭାରୀ ଗଛରୁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଜୟପାଟଣା ପଞ୍ଚାୟତ ଅଧୀନ ଚିର୍କା ଗ୍ରାମର ଅରୁଣ ରାଉତ(୨୪)। ମିଳିଥିବା ସୂଚନା ମୁତାବକ, ଅରୁଣ ଗତ ୧୩ ତାରିଖରେ କାମ କରିବାକୁ ଯାଉଛି କହି ଘରୁ ବାହାରି ଥିଲେ। ହେଲେ ସେ ଘରକୁ ଆସି ନ ଥିଲେ। ଚିଲ୍‌ପଡ଼ା ଗ୍ରାମ ନିକଟସ୍ଥ ଏକ ଗମ୍ଭାରୀ ଗଛରେ ଅରୁଣଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପାଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଜୟପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଅରୁଣଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଅରୁଣଙ୍କ ବାପା କ୍ଷେତ୍ର ରାଉତ ଜୟପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

ସ୍କୁଲ ମନିଟରିଂ ଗସ୍ତ ଖର୍ଚ୍ଚ ମିଳିବାରେ ବିଳମ୍ବ

# ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ

**ଜୁନାଗଡ,୨୪।୬ (ଡି.ଏନ୍.ଏ.)**

ଜୁନାଗଡ଼ ବ୍ଲକରେ କାର୍ଯ୍ୟରତ ସିଆର୍‌ସିସିଙ୍କୁ ସ୍କୁଲ ମନିଟରିଂ ପାଇଁ ଗସ୍ତ ଖର୍ଚ୍ଚ(ଏଫ୍‌ଟିଏ) ପ୍ରଦାନ କରାଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ କାର୍ଯ୍ୟରତ ସିଆରସିସିମାନେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସ୍କୁଲ ମନିଟରିଂ କରିବାକୁ ପ୍ରତ୍ୟେକ ସିଆର୍‌ସିସିଙ୍କୁ ଗସ୍ତ ଖର୍ଚ୍ଚ(ଏଫଟିଏ) ବାବଦରେ ମାସକୁ ୧ହଜାର ଟଙ୍କା ଦିଆଯାଇଥାଏ। ଏହି ଗସ୍ତ ଖର୍ଚ୍ଚ ବର୍ଷକ ଥରେ ସିଆରସିସିଙ୍କୁ ପ୍ରଦାନ କରାଯାଇଥାଏ। ତେବେ ଜୁନାଗଡ଼ ବ୍ଲକରେ କାର୍ଯ୍ୟରତ ସିରିଆର୍‌ସିସିଙ୍କୁ ଗତ ୨୦୧୮-୧୯ ଶିକ୍ଷା ବର୍ଷର ସ୍କୁଲ ମନିଟରିଂ ଗସ୍ତ ଖର୍ଚ୍ଚ ମିଳିନାହିଁ। ଏନେଇ ସିଆର୍‌ସିସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସିଆର୍‌ସିସିମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ସିଆର୍‌ସିସିମାନେ ଠିକ୍ ସମୟରେ ଟୁର ଡାଏରୀ ଦାଖଲ କରି ନ ଥିବାରୁ ଟଙ୍କା ମିଳି ନାହିଁ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ପଚାରିବାରୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ। ଏଥିପ୍ରତି କଳାହାଣ୍ଡି ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## କରାଟେ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ

**ପାଇକମାଳ, ୨୪।୬ (ଡି.ଏନ.ଏ)**

ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ସୋମବାର କରାଟେ ଟ୍ରେନିଂ ସେଣ୍ଟର ଉଦଘାଟିତ ହୋଇଯାଇଛି । ବରଗଡ କରାଟେ ଡୁ ତରଫରୁ ଏହି ଟ୍ରେନିଂ ସେଣ୍ଟରକୁ ନ୍ୟାଶନାଲ କୋଚ ସେନସେଇ କାବୁଲି ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଠାରେ ଏହି ଅଞ୍ଚଳର ଛୋଟ ଛୋଟ ଛାତ୍ରୀଛାତ୍ରମାନଙ୍କୁ ଟ୍ରେନିଂ ଦିଆଯିବ। ଉଦଘାଟନ ଉତ୍ସବରେ ମୁକେଶ ଅଗ୍ରୱାଲ, ମନୋଜ ଶ୍ରୀବାସ୍ତବ, ଶରତ କୁମାର ଭଏ ପ୍ରମୁଖ ଯୋଗଦାନ କରିଥିଲେ ।

# ଅଧ୍ୟାପକଙ୍କୁ ଶ୍ରେଷ୍ଠ ଯୁବ ରେଡକ୍ରସ ପରାମର୍ଶଦାତା ସମ୍ମାନ

**ଭବାନୀପାଟଣା,୨୪।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ସେମେଲିଏନ୍ ମହାବିଦ୍ୟାଳୟ ଚିଟିଆର ଓଡ଼ିଆ ଅଧ୍ୟାପକ ତଥା ଯୁବ ରେଡକ୍ରସ ପରାମର୍ଶଦାତା ଡ. ନୃସିଂହ ନନ୍ଦ ସାସମଲ ଶ୍ରେଷ୍ଠ ଯୁବ ରେଡକ୍ରସ ପରାମର୍ଶଦାତା ଭାବେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ରାଜଭବନ ଅଭିଷେକ ହଲ୍‌ରେ ଆୟୋଜିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମାନପତ୍ର ଓ ଉପଢୌକନ ଦେଇ ଡ.ସାସମଲଙ୍କୁ ସମ୍ମାନିତ କରିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସମ୍ପାଦିକା ମେଜର ଡ.କଳ୍ପନା ଦାସ ପ୍ରମୁଖ ମଞ୍ଚସୀନ ଥିଲେ। ଏହି ରାଜ୍ୟ ସମ୍ମାନ ମିଳିବା ପରେ ଜିଲା ଯୁବରେଡକ୍ରସ ଆବାହକ ସଂପାଦକ ମହେଶ୍ୱର ଦୁରିଆ, ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡା, କଲେଜ ଅଧକ୍ଷ ବିରଞ୍ଚି ନାରାୟଣ ସାହୁଙ୍କ ସହ ସମସ୍ତ କର୍ମଚାରୀ ଡ.ସାସମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶ୍ରେଷ୍ଠ ଯୁବ ରେଡକ୍ରସ ପରାମର୍ଶଦାତା ଭାବେ ଡ. ନୃସିଂହ ନନ୍ଦ ସାସମଲଙ୍କୁ ପୁରସ୍କୃତ କରୁଛନ୍ତି।

ଦୁର୍ଘଟଣାରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

# କ୍ଷତିପୂରଣ ଦେବାକୁ ଗ୍ରାମବାସୀଙ୍କ ଦାବି

**ଜୁନାଗଡ,୨୪।୬ (ଡି.ଏନ୍.ଏ)**

କାମଧନ୍ଦା ନ ପାଇ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ପଞ୍ଚାୟତ କୋଟନିଆପଡ଼ାର ଧନେଶ୍ୱର ଭାଟି(୨୫)। ଧନେଶ୍ୱରଙ୍କ ମୃତ୍ୟୁ ଖବର ପାରି ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

ମିଳିଥିବା ସୂଚନା ମୁତାବକ, ଧନେଶ୍ୱର ଗ୍ରାମର କିଛି ଯୁବକଙ୍କ ସହ ଶୁକ୍ରବାର ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିଲେ। ରବିବାର ଅପରାହ୍ଣରେ ଆନ୍ଧ୍ରପ୍ରଦେଶର ପ୍ରକାଶନଗର ଜିଲା ଓନଗୋ ସହରର ୧୬ନଂ ଜାତୀୟ ରାଜପଥରେ ଧନେଶ୍ୱର ଚାଲିକି ଯାଉଥିବା ବେଳେ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଧନେଶ୍ୱର ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କୁ ହରାଇ ସ୍ତ୍ରୀ ରିତା, ଝିଅ ବେବି(୬), ପୁଅ ଜଗଦିଶ(୪) ଅସହାୟ ହୋଇପଡିଛନ୍ତି। ଅନ୍ୟପକ୍ଷେ ଅର୍ଥାଭାବରୁ ଧନେଶ୍ୱରଙ୍କ ମୃତଦେହ ଗାଁକୁ ଆସିପାରୁ ନ ଥିବା ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଧନେଶ୍ୱର ଭାଟି।

## କ୍ରିକେଟ ଆସୋସିଏଶନର ବାର୍ଷିକ ବୈଠକ

**ବୌଦ୍ଧ,୨୪।୬ (ସ୍ୱ.ପ୍ର.)**

ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଯୁଗଳ କିଶୋର ସାମଲ ବୈଠକରେ ଅଧକ୍ଷତା କରିଥିଲେ। ଆସୋସିଏଶନର ସମ୍ପାଦକ ଲମ୍ବୋଦର ପୁରୋହିତ ସ୍ୱାଗତ ଭାଷଣ ଓ କୋଷାଧକ୍ଷ ପ୍ରଦ୍ୟୁମ୍ନ କୁମାର ସିଂ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ । ଜିଲାରେ କ୍ରିକେଟ ଦକ୍ଷତା ବୃଦ୍ଧି ପାଇଁ କୋଚ୍ ଏବଂ ଟ୍ରେନର ନିଯୁକ୍ତି ପାଇଁ ବୈଠକରେ ସ୍ଥିର କରାଯାଇଛି । ଜିଲା କ୍ରିକେଟ ଆସୋସିଏଶନର ସଦସ୍ୟ ସତ୍ୟବାନ ଶତପଥୀଙ୍କ ବିୟୋଗରେ ବୈଠକରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଉପସଭାପତି ନିରନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ନକଲି ନୋଟ ଦେଇ ଚାଷୀଙ୍କଠାରୁ କିଣିନେଲେ ମେଣ୍ଢା

**କୋକସରା ୨୪।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଜାଲ୍ ନୋଟ କାରବାର ସକ୍ରିୟ ହୋଇପଡିଛି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଖପରାମାଲ ଗ୍ରାମର ଋତୁରାଜ ରାଉତ ନାମକ ଜଣେ ଚାଷୀ ରବିବାର ବେହେରା ବଜାରକୁ ମେଣ୍ଢା ବିକ୍ରି କରିବାକୁ ଯାଇ ଜାଲ୍ ନୋଟ ଠକାମିର ଶିକାର ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ୨ଜଣ ଯୁବକ ମେଣ୍ଢା କିଣିବାକୁ ଋତୁରାଜଙ୍କ ନିକଟରେ ପହଞ୍ଚିଥିଲେ।

ସେମାନେ ମେଣ୍ଢାକୁ ୫ହଜାର ଟଙ୍କା ଦେବାକୁ କହିଥିଲେ। ଏଥିରେ ଋତୁରାଜ ରାଜି ହୋଇଥିଲେ। ପରେ ଯୁବକ ଦ୍ୱୟ ୫୦ଟି ୧୦୦ ଟଙ୍କିଆ ନୋଟ ଋତୁରାଜଙ୍କୁ ଦେଇ ମେଣ୍ଢା କିଣି ନେଇଥିଲେ। ଋତୁରାଜ ଟଙ୍କା ଧରି ଘରେ ପହଞ୍ଚିଥିଲେ। ଘରେ ନୋଟକୁ ଭଲଭାବେ ଦେଖିବା ପରେ ଟଙ୍କା ନକଲି ବୋଲି ଜଣାପଡିଥିଲା। ୫୦ଟି ୧୦୦ ଟଙ୍କିଆ ନୋଟ ମଧ୍ୟରୁ ଗୋଟିଏ ନୋଟ ଠିକ୍ ଥିବାବେଳେ ୪୯ଟି ନୋଟ୍ ଜାଲ (ନକଲି) ବୋଲି ଜଣାପଡିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ହେଲେ ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଜାଲ୍ ନୋଟ କାରବାରରେ ସମ୍ପୃକ୍ତ ଥିବା ଯୁବକ ଦ୍ୱୟ ଧର୍ମଗଡ଼ ଅଞ୍ଚଳର ହୋଇଥିବା ସନ୍ଦେହ କରାଯାଉଛି। ଇତି ମଧ୍ୟରେ କଳାହାଣ୍ଡି ଜିଲାରେ ଜାଲ୍ ନୋଟ୍ କାରବାର କରୁଥିବା ଏକ ର୍‌ୟାକେଟ କାମ କରୁଥିବା ଜଣାପଡିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଯୋଗ ସମ୍ପର୍କିତ ଆଲୋଚନାଚକ୍ର

**ଭବାନୀପାଟଣା,୨୪।୬ (ଡି.ଏନ୍.ଏ.)**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଜନସମ୍ପର୍କ ବ୍ୟୁରୋ ପକ୍ଷରୁ ଭବାନୀପାଟଣା ଓ କେସିଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଯୋଗ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଓ ବକ୍ତା ଭାବେ ସ୍ଥାନୀୟ ବିଦ୍ୟାମନ୍ଦିର ସଭାପତି ରାମଅବତାର ଅଗ୍ରୱାଲ, ସମ୍ପାଦକ ଗୋପାଳ ଅଗ୍ରୱାଲ, ସହସମ୍ପାଦକ ଛେଳାୟୁଦ୍ଧ ସାହୁ, ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ କୁମାର ବେହେରା, କ୍ଷେତ୍ର ଜନସମ୍ପର୍କ ଅଧିକାରୀ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତିର ବିକାଶ ତଥା ସୁସ୍ଥ ସମାଜ ଗଠନରେ ଯୋଗ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଯୋଗଚାର୍ଯ୍ୟ ସୁଶାନ୍ତ ଜାଲ, ମର୍କଧ୍ୱଜ ନାଗ ପ୍ରମୁଖଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଯୋଗ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଥିଲା। କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ ପରିଚାଳନା କରିଥିଲେ।

# ଭବାନୀପାଟଣାରେ କବିତା ଆସର

**ଭବାନୀପାଟଣା,୨୪।୬ (ଡି.ଏନ୍.ଏ.)**

ସଂସ୍କାର ଭାରତୀ ନଗର ଶାଖା ଭବାନୀପାଟଣା ସାହିତ୍ୟ ବିଧା ପକ୍ଷରୁ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାଗୃହଠାରେ ଏକ ବର୍ଷା କବିତା ଆସର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ମୁଣ୍ଡ ଏଥିରେ ଅଧକ୍ଷତା କରିଥିଲେ। ବରିଷ୍ଠ କବି ତଥା ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ସଜିତ ରଥେ ମୁଖ୍ୟଅତିଥି, ଉମେଶ ଚନ୍ଦ୍ର ପଣ୍ଡା ଅତିଥି ଭାବରେ ଯୋଗଦେଇଥିଲେ। କବି ମିନତି ପ୍ରଧାନଙ୍କ ସଂଯୋଜନାରେ ବହୁ କବି ସ୍ୱରଚୀତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଂଯୋଜକ ରଘୁନାଥ ଠାକୁର ସ୍ୱାଗତ ଭାଷଣ ଏବଂ ଆବାହକ ବିଶ୍ୱ ରଞ୍ଜନ ପଣ୍ଡାଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲ। ଶେଷରେ ସ୍ୱର୍ଣ୍ଣକାନ୍ତୀ ବୈକାର ଧନ୍ୟବାଦ ଅର୍ପଣ କରିଥିଲେ।



କବିତା ଆସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଘର ଖଁଡ଼େ ତିଆରିବାରେ ଅକ୍ଷମ

# ଭଂଗା କୁରିଆରେ ୨ ଅସାହା ପରିବାର

**କେସିଙ୍ଗା, ୨୪।୬ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କଶ୍ରୁପଡ଼ା ପଁଚେତ୍ ସୁକୁନାଭଟା ଗାଁର ଦୁଇ ଭାଇ ଖଗେଶ୍ୱର ନାଏକ(୩୫) ଆର କାର୍ତ୍ତିକ ନାଏକ(୩୨)। ଉଭଏ ନିହାତି ଗରିବ୍ ହେଇଥିଲାବେଳେ ଗୁଟେ ଝାଟି ମାଟିର କୁରିଆରେ ତାରପଲିନ ଢାପି ଦୁଇ ଭାଇ ରହୁଛନ୍। ସରକାରୀ ଯୋଜନାରେ ଘରଖଡ଼େ ଲେଖେଁ ପାଏବାର ଲାଗି ଉଭଏ ପଁଚେତ୍‌ରୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଛନ୍।

ସୂଚନା ଅନ୍‌ସାରେ ସୁକୁନାଭଟା ଗାଁର ଦୁଇ ଭାଇ ଖଗେଶ୍ୱର ଆର କାର୍ତ୍ତିକ ନିହାତି ଗରିବ୍। ଖଗେଶ୍ୱରକଁର ପରିବାର କହେଲେ ମାଏକିନା ଦେବକୀ, ଦୁଇ ଝି, ଗୁଟେ ପୁଓ। ସେନ୍‌ତା କାର୍ତ୍ତିକର ପରିବାର କହେଲେ ମାଏକିନା ଉର୍ମିଳା ଆର ଗୁଟେ ପୁଓକେ ନେଇ ସୁଖର ସଁସାର। ସଖାଲ ପାଏଲେ ଦୁଇ ଭାଇ ପରହର କାମବୁତା କଲେ ଯାଇ ଘରର ଚୁଲି ଜଲୁଛେ। ଏନ୍‌ତାଥି ଦୁହେଁ ଜାତୀୟ ରାଜପଥ ୨୬ ତରେ ପରହର ଜମିରେ ୩୦ ବଛର ହେଲା ଗୁଟେ ଝାଟିମାଟି କୁରିଆ କରି ଦୁଇ ବଖରା ଘରଥି ନିଜର ନିଜର କୁଟୁମ ଧରି ରହୁଛନ୍। ହେଲେ ବରଷା ମାସେ ଦୁଇ କୁଟମର ଦୁଖ୍ ଦୁଇଗୁନା ହେଇଯାଉଛେ। ଘରଭିତରେ ଆଁଠେ ପାଏନ୍ ହେଉଛେ, କୁଟୁମବସିଆ ରାଏତସାରା ଉଜାଗର ରହି ପାଏନ୍ ଛେଁଦଉଛନ୍। ହେଲେ ଆଏଜ୍‌ତକ ଇ ଗରିବ୍ ପରିବାର ଉପରେ ଥାନୀୟ ପରଶାସନର ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଦୁଖର କଥା। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ଭୂମିହୀନ ପରିବାରମାନକୁ ଘରଡିହ ସଂଗେ ଆବାସ ଯୋଜନାରେ ସାମିଲ କରି ପକାଘର ଯୁଗେଇ ଦେଉଛନ୍। ହେଲେ ଦୁଖର କଥା ଇ ଦୁଇ ଭାଇ ନିହାତି ଗରିବ୍ ହେଇଥିଲେ ବି ଆଏଜ୍‌ତକ ସରକାରକଁର ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଦୁଇ ଭାଇ ସରକାରୀ ଯୋଜନାରେ ଘରଖଁଡ଼େ ଲେଖେଁ ପାଏବାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ କେସିଙ୍ଗା ବିଡିଓ ଭୀମସେନ ଶବରକୁଁ ପଚରାଲାରୁ ଘଟନା ବାବ୍‌ଦେ ତଦଁତ୍ କରି ପଦକ୍ଷେପ ନେମି ବଲି ସେ କହିଥିଲେ।



ଭଂଗା କୁରିଆରେ ବାସ କରୁଥିବାର ଦୁଇ ପରିବାର।



"ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ, ୨୪।୬-** ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ଥିବା ଯୁପି ସ୍କୁଲ ନିକଟ ଆବର୍ଜନା ଝାଡିରୁ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଗିୟାସୁଦ୍ଦିନ(୩୫) ବୋଲି ସୂଚନା ମିଳିଛି। ସେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ହୋଇଥିବା ବେଳେ ମହତାବ ରୋଡ ଅଞ୍ଚଳରେ ଏକ ୱେଲଡିଂ ଦୋକାନରେ କାମ କରୁଥିଲେ। ଗତ ୧୦ ଦିନ ହେବ ସେ ଘରୁ ନିଖୋଜ ଥିଲେ। ଅପରାହ୍ନ ଅଢେଇଟା ସମୟରେ ସ୍କୁଲ ନିକଟ ଝାଡି ଭିତରୁ ଦୁର୍ଗନ୍ଧ ହେବାରୁ ପଥଚାରୀଙ୍କ ସନ୍ଦେହ ହୋଇଥିଲା। ତା ପରେ ସ୍ଥାନୀୟ ଯୁବକମାନେ ଝାଡିରେ ପଶି ଏକ ଗଳିତ ମୃତଦେହ ଠାବ କରିଥିଲେ। ପରେ ଏହା ଗିୟାସୁଦ୍ଦିନ ବୋଲି ଚିହ୍ନଟ କରିଥିଲେ ପରିବାର ଲୋକେ। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇ ଥିଲା। ମୃତଦେହକୁ ଆରଜିଏଚ ମର୍ଗ ହାଉସକୁ ପଠାଇ ଦିଆଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। କେଉଁ ପରିସ୍ଥିତିରେ ଗିୟାସୁଦ୍ଦିନଙ୍କ ମୃତ୍ୟୁ ଘଟିଛି ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଦୁଇ ବାଇକ୍ ମଧ୍ୟରେ ଧକ୍କା: ଜଣେ ମୃତ

**ବେଲପାହାଡ଼,୨୪।୬ (ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା କେଦେଲପିଟା ଗାଁ ନିକଟରେ ସୋମବାର ସକାଳ ୯ଟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଏରକୁନି ଗାଁର ବୃଷଭାନୁ ସାହୁ (୨୧)। ଆହତ ଯୁବକଙ୍କ ନାମ ଉପେନ୍ଦ୍ର ପ୍ରଧାନ (୩୦)। ତାଙ୍କ ଘର ପିପିଲିମାଲ ଗାଁ। ଉପେନ୍ଦ୍ର ତାଙ୍କ ଓଆର୍୨୩-ଇ୮୧୨୦ନଂ ବାଇକରେ ପିପିଲିମାଲରୁ ବେଲପାହାଡ଼ ପଟକୁ ଆସୁଥିଲେ। ଏହି ସମୟରେ ବୃଷଭାନୁ ବେଲପାହାଡ଼ ପଟୁ ଓଡି୨୩-ଇ୪୧୯୯ନଂ ବାଇକ୍‌ରେ ଖଏରକୁନି ଗାଁକୁ ଯାଉଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲେ। ବୃଷଭାନୁଙ୍କ ମୁଣ୍ଡ ଓ ଉପେନ୍ଦ୍ରଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପୋଲିସ ଉଭୟଙ୍କୁ ଉଦ୍ଧାର କରି ଟିଆର୍‌ଏଲ ହସ୍ପିଟାଲ ନେଇଥିଲା। ବୃଷଭାନୁଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ବୁର୍ଲା ଡାକ୍ତରଖାନା ପଠାଯାଇଥିଲାର। ମାତ୍ର ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ଉପେନ୍ଦ୍ରଙ୍କୁ ମଧ୍ୟ ବୁର୍ଲା ପଠାଯାଇଛି। ଅନ୍ୟପଟେ ବୃଷଭାନୁଙ୍କ ବାଇକ୍‌ରେ ବସିଥିବା ଉମେଶ ପାଣ୍ଡେ ସାମାନ୍ୟ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଦଫା ୨୭୯, ୩୩୭ ଓ ୩୦୪ ଆଇପିସିରେ ଏକ ମାମଲା (ନଂ ୧୦୬/୨୦୧୯) ରୁଜୁ କରି ତଦନ୍ତ କରୁଛି। ବୃଷଭାନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଅଜଣା ରୋଗରେ ଯୁବକଙ୍କ ମୃତ୍ୟୁ

**କୋଲାବିରା,୨୪।୬(ଡି.ଏନ୍.ଏ.)-** କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୋଲାବିରା ବ୍ଲକ ସାହ୍ଲେପାଲି ଗ୍ରାମର ଘନଶ୍ୟାମ ବିଶି (୩୮)। ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ସେ ବିଭିନ୍ନ ମେଡିକାଲକୁ ଯାଇଥିଲେ ମଧ୍ୟ ଉପଶମ ମିଳି ନ ଥିଲା। ସୋମବାର ଅପରାହ୍ନରେ ଘରେ ତାଙ୍କର ମୃତ୍ୟୁ ହୋଇଛି। ଘନଶ୍ୟାମ ୮ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ୭ବର୍ଷର ଝିଅ ଅଛି। ବିବାହର କିଛିଦିନ ପରେ ଅସୁସ୍ଥତା ଅନୁଭବ କରିଥିଲେ। କୋଲାବିରା, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୁର୍ଲା, କଟକ ଆଦି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ ମଧ୍ୟ ରୋଗ ଚିହ୍ନଟ ହୋଇପାରି ନ ଥିଲା। ଦୁଇଦିନ ପୂର୍ବେ ସେ ବୁର୍ଲାରୁ ଫେରି ଟଙ୍କା ଯୋଗାଡ଼ କରିବା ପରେ ପୁଣି କଟକ ଯିବାକୁ ପ୍ରସ୍ତୁତ ହେଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଘନଶ୍ୟାମଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ପରିବାରର ଏକମାତ୍ର ରୋଗଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆକ୍ରମଣ ଘଟଣାରେ ୩ ଗିରଫ

**ସମ୍ବଲପୁର,୨୪।୬ (ବ୍ୟୁରୋ)-** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସହଯୋଗନଗର ନିକଟରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୀଷ ସାହୁ (୨୨), ବିବେକ ତ୍ରିପାଠୀ (୨୨) ଓ ଗଙ୍ଗାଧର ମହାନ୍ତି (୨୦)। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

---

ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ ସେଲ୍ ଅବସର କର୍ମଚାରୀ

# ବିର୍ସା ଛକରେ ବିକ୍ଷୋଭ ୨୯ରେ

**ରାଉରକେଲା ଅଫିସ, ୨୪।୬**

ଭାରତୀୟ ଇସ୍ପାତ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅଣଦେଖା ମନୋଭାବ ନେଇ ଅସନ୍ତା ୨୯ରେ ବିର୍ଶା ଛକରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛି ଅବସରପ୍ରାପ୍ତ ସେଲ୍ କର୍ମଚାରୀ ସଂଘର ସ୍ଥାନୀୟ ଶାଖା। ଏନେଇ ସୋମବାର କୋଏଲନଗର ଠାରେ ଥିବା ଅବସର ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଏଥିରେ ଉପସ୍ଥିତ ସଂଗଠନ କର୍ମକର୍ତ୍ତା କହିଥିଲେ ସେଲ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଦାବି ନେଇ ପତ୍ର ଲେଖା ଯାଇଥିଲେ ହେଁ ଏହାର ପ୍ରତିକାର ଦୂର କଥା ଉତ୍ତର ମଧ୍ୟ ମିଳୁନି। ଏପରି ଅବସ୍ଥାରେ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ସର୍ବ ଭାରତୀୟ ସ୍ତରରେ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସମର୍ଥନ ଜଣାଇଥିବା ଏଥିରେ କୁହାଯାଇ ଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ବିଭିନ୍ନ ସେଲ୍ ୟୁନିଟରେ ଗଠନ କରାଯାଇଥିବା ସଂଗଠନକୁ କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ସ୍ୱିକୃତୀ ପ୍ରଦାନ କରି ନ ଥିବାରୁ ଏଥିରେ ସମାଲୋଚନା କରଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ କରାଯାଉଥିବା ଆଲୋଚନାରେ ସଂଗଠନ ପ୍ରତିନିଧିଙ୍କୁ ବସିବାକୁ ସୁଯୋଗ ପ୍ରଦାନ କରାଯାଉନି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ଏ ନେଇ ଏକ ସ୍ୱତନ୍ତ୍ର ୱେବସାଇଟ୍ ଖୋଲାଯିବାକୁ ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ପଦକ୍ଷେପ ନିଆଯାଉନି। ମାସକୁ ଥରେ ଅନ୍ତତଃ ୱେବସାଇଟ୍ ମାଧ୍ୟମରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ସଂଗଠନ କର୍ମକର୍ତ୍ତା ଦାବି କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ କର୍ପୋରେଟ ସ୍ତରରେ ସ୍ୱତନ୍ତ୍ର ସେଲ ଗଠନ, ଆଇଟି ଏବଂ ମେଡିକାଲ ସେଲ ଗଠନ, ସେଲ ୟୁନିଟ ରହିଥିବା ଅଞ୍ଚଳରେ ମହାସଂଘ କାର୍ଯ୍ୟାଳୟ ନେଇ ଗୃହ ଯୋଗାଣ, ଏକ ସୁପର ସ୍ପେଶିଆଲିଟି ମେଡିକାଲ ପ୍ରତିଷ୍ଠା ଭଳି ଏକାଧିକ ଦାବି କରାଯାଇଥିଲା ଏହି ଖବରଦାତା ସମ୍ମିଳନୀରେ। ଏହା ବ୍ୟତୀତ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସେଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସଂଘ ଦାବି କରିଛି। ବାଛବିଚାର ବିନା ମେଡିକ୍ଲେମ ଲାଗୁ କରିବା, ଏକଜିକ୍ୟୁଟିଭ, ନନ ଏଜକ୍ୟୁଟିଭ ନିର୍ବିଶେଷରେ ଗତ ୧।୧।୨୦୦୭ରୁ ସମସ୍ତଙ୍କୁ ପେନସନ ପ୍ରଦାନ, ସ୍କିମ ବାହାରେ ରହିଯାଉଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାସିକ ୫ ହଜାର ପ୍ରଦାନ କିରବାକୁ ସଂଘ ଦାବି ଉଠାଇଛି। ଏତିକି ନୁହେଁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ଲିଜ କ୍ୱାଟର୍ସ ବ୍ୟବସ୍ଥାରେ ପରିବର୍ତ୍ତନ ଚାହିଁଛି ସଂଘ। ଏ ନେଇ ରହିଥିବା ୩୩ ଓ ୨୨ ମାସିଆ ଲିଜ ବ୍ୟବସ୍ଥାର ସ୍ୱତଃ ନବୀକରଣ ସହ ଭଡା ବୃଦ୍ଧି ପ୍ରତ୍ୟାହାର, ଜମା ରାଶି ଉପରେ ସୁଧ ପ୍ରଦାନ, ଦୀର୍ଘ ଅବଧି ଲିଜ ଓ ବିଡିଂ ପ୍ରଥାର ଉଚ୍ଛେଦ ନେଇ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସଂଘ କର୍ମକର୍ତ୍ତା ଦାବି କରିଛନ୍ତି। ଏମିତି ବହୁ ପ୍ରତିକ୍ଷିତ ସମସ୍ୟା ସମାଧାନ ନେଇ ସଂଘ ନିରାଶ ହେବା ପରେ ବାଧ୍ୟ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛି। ଏଥିରେ ସଂଗଠନ ସଭାପତି ଅଭୟ ଦାସ, ଉପସଭାପତି କିଶୋର ନନ୍ଦ, ସୁବାଶ ଦାସ, ସାଧାରଣ ସଂପାଦକ କପିଳେଶ୍ୱର ମହାରଣା, ଅରବିନ୍ଦ ପାତ୍ର, ଅନିରୁଦ୍ଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅବସରପ୍ରାପ୍ତ ସେଲ୍ କର୍ମଚାରୀ ସଂଘର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

---

# ୫ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ

**ଶୀତଳପଡା ବସ୍ତି**

**ରାଉରକେଲା ଅଫିସ, ୨୪। ୬**

ଶୀତଳ ପଡାରେ ଚୋରି, ସଟ୍ଟା ଖେଳ ଭଳି କାର୍ଯ୍ୟକଳାପକୁ ବିରୋଧ କରି ଆକ୍ରମଣର ଶିକାର ହୋଇଛନ୍ତି ବସ୍ତିର ୫ ପରିବାର। ଏ ନେଇ ସୋମବାର ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକ ସୋନୁ ସାହୁ, ସୁରେନ୍ଦ୍ର ସାହୁ, ଚିତ୍ରସେନ ସାହୁ, ନିରଞ୍ଜନ ନନ୍ଦ ଓ ବୀର ମଲ୍ଲିକ ପ୍ରମୁଖଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଏମାନେ ଅଭିଯୋଗ କରିଛନ୍ତି। ସୋନୁଙ୍କ ଗାଡିକୁ ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ବେଳେ ସୁରେନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀକୁ ମାଡ ମାରି କ୍ଷତାକ୍ତ କରିଥିବା ଏତଲାରେ ଦର୍ଶା ଯାଇଛି। ସେହିଭଳି ଚିତ୍ରସେନଙ୍କ ପରିବାର ଶୋଇଥିବା ବେଳେ ପଥର ମାଡ କରଯାଇଥିଲା। ବାହାରକୁ ଆସି ଦେଖିବାରୁ ଯୁବକମାନେ ଘରେ ପଶି ୧୨ ହଜାର ଲୁଟି ନେଇଥିବା କୁହାଯାଇଛି। ବସ୍ତି ବାସିନ୍ଦା ନିରଞ୍ଜନ ନନ୍ଦ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ବୋଲେରୋକୁ ସମ୍ପୃକ୍ତ ଯୁବକମାନେ ପଥର ମାଡ କରି ଭାଙ୍ଗିଛନ୍ତି। ବସ୍ତି ବାସିନ୍ଦା ବୀର ମଲ୍ଲିକଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଥିବା ସମ୍ପୃକ୍ତ ଯୁବକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଶୀତଳପଡା ବସ୍ତିରେ ଚୋରି, ମଦ, ଜୁଆ ଓ ସ୍ପ୍ରାପ କାରବାରକୁ ବିରୋଧ କରିବାରୁ ଗତ କିଛି ଦିନ ହେବ ଅସାମାଜିକ ଯୁବକମାନେ ଜୁଲମ କରିବା ଆରମ୍ଭ କରିଛନ୍ତି। ବସ୍ତିରେ ଶାନ୍ତି ଶୃଙ୍ଖଳା ରକ୍ଷା ନେଇ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି। ଏଭଳି ସ୍ଥିତିରେ ସମ୍ପୃକ୍ତ ଯୁବକମାନେ ଟାର୍ଗେଟ କରିଛନ୍ତି। ବସ୍ତି ବାସିନ୍ଦାଙ୍କୁ ଆତଙ୍କିତ କରି ଚୁପ କରାଇବାକୁ ଉଦ୍ୟମ ଉଦ୍ୟମ ଚାଲିଥିବା କହିଛନ୍ତି ସୋନୁ ସାହୁ। କେବେ ଏପରି ହେବାକୁ ଦିଆଯିବନି। ଉପରିସ୍ଥ ଅଧିକାରୀଙ୍କ ସହଯୋଗ ଲୋଡା ଯାଇଛି। ସମ୍ପୃକ୍ତ ଅସାମାଜିକ ଯୁବକଙ୍କୁ ପୋଲିସ ଗିରଫ କରି ନିଶ୍ଚିତ ଦଣ୍ଡ ବ୍ୟବସ୍ଥା କରିବ ବୋଲି ଆକ୍ରମଣର ଶିକାର ପରିବାର ପ୍ରକାଶ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଜାରି ରହିଛି।

---

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର,୨୪।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ବିଜାପାଲି ଗ୍ରାମର ଏକ ଘରୁ ସୋମବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବିଜାପାଲି ଗ୍ରାମର ରାହସ ଭୋଇ (୩୫)। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୦/୧୯) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ରାହସ କିଛିବର୍ଷ ପୂର୍ବେ ବିବାହ କରିଥିଲେ। ତେବେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଛନ୍ତି। ରାହାସ ଏକାକୀ ଘରେ ରହୁଥିଲେ। ରାହାସଙ୍କ ଘର ନିକଟରେ ତାଙ୍କ ସମ୍ପର୍କୀୟମାନେ ରହୁଥିଲେ। କିନ୍ତୁ ୩ ଦିନ ହେଲା ତାଙ୍କୁ ସମ୍ପର୍କୀମାନେ ଦେଖିବାକୁ ପାଇ ନ ଥିଲେ। ସନ୍ଦେହ ହେବାରୁ ସେମାନେ ରାହାସଙ୍କ ଘରକୁ ଆସି ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।

---

# ଅସହାୟଙ୍କୁ ସହାୟତା ରାଶି

**ରାଉରକେଲା ଅଫିସ, ୨୪।୬**

ସେବାଧର୍ମୀ ସାମାଜିକ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ଜଣେ ଅସହାୟ ରୋଗୀଙ୍କୁ ୫ ହଜାର ସହାୟତା ରାଶି ପ୍ରଦାନ କରାଯାଇଛି। ଛେଣ୍ଡ କଲୋନୀ ଧାମରା ବସ୍ତିରେ ରହୁଥିବା ଯକୃତ ରୋଗ ଆକ୍ରାନ୍ତ ବିରସା ନାଗବନ୍ଶୀ ନାମକ ବ୍ୟକ୍ତି କୁଲି ମଜୁରି କରି ପେଟ ପାଳନ୍ତି। ତାଙ୍କ ଉପରେ ପରିବାରର ୫ ପ୍ରାଣୀ କୁଟୁମ୍ବ ନିର୍ଭର କରି ଚଳନ୍ତି। ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନାଗବନ୍ଶୀଙ୍କୁ ବୁର୍ଲା କିମ୍ବା କଟକ ବଡ ଡାକ୍ତରଖାନା ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏମିତି ଅବସ୍ଥାରେ ରାସ୍ତା ଖର୍ଚ୍ଚ କିମ୍ବା ଔଷଧ ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ନାଗବନ୍ଶୀ ଚିନ୍ତାରେ ପଡିଥିଲେ। ଏନେଇ ସେ ସାମାଜିକ ଅନୁଷ୍ଠାନ ଗୁଣ୍ଡୁଚିର ସହାୟତା ଲୋଡିଥିଲେ। ତାଙ୍କ ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଅନୁଷ୍ଠାନ ପକ୍ଷରୁ ତାଙ୍କ ସ୍ତ୍ରୀ ସୋନିଆଙ୍କୁ ୫ ହଜାର ନଗଦ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସଂପାଦକ ଭଗବାନ ରାଉତ, ଯଯାତୀ ଜେନା, ସତ୍ୟଜିତ ସୂତାର, ରାଜୀବ ବେହେରା, ଅମିୟ ସତପଥି, ଅମୂଲ୍ୟ ମିଶ୍ର, ସୁବାଶ ସାମଲ, ସଂଜୟ ଜେନା, ଯୁଧିଷ୍ଠିର ପଣ୍ଡା ଓ ମଦନମୋହନ ଦାସଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବିରସା ନାଗବନ୍ଶୀଙ୍କ ସ୍ତ୍ରୀଙ୍କୁ ଗୁଣ୍ଡୁଚି ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୪। ୬**

ବାସନ୍ତୀ ପାଠାଗାର ଅନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରତାପ ରାୟ ଅଧ୍ୟକ୍ଷତା କରିଥିଲେ। ଡାକ୍ତର ଗୋକୁଳାନନ୍ଦ ସାହୁ, ସବିତା ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରାଯାଇଥିଲା। ପାଠାଗାର ସାଧାରଣ ସଂପାଦକ ବିଭୂଦତ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲୋଚକ ସାହୁ କହିଥିଲେ ଯେ, ମଣିଷର ଦୈନ୍ୟଦିନ ଜୀବନଚର୍ଯ୍ୟା ଠିକ ରହିଲେ ଅନେକ ସୁଫଳ ମିଳି ପାରିବ। ଏଥିସହ ଖାଦ୍ୟପେୟ, ବିଶ୍ରାମ ଓ ବ୍ୟାୟାମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଆଲୋଚକ ସବିତା ସାହୁ କହିଥିଲେ ଯେ, ଗୃହିଣୀମାନେ ସୁସ୍ଥ ରହିଲେ ପରିବାର ହସି ଉଠେ। ଏ ଦିଗରେ ସଚେତନତା ସୃଷ୍ଟି କରାଗଲେ ଅନେକ ପରିବାର ଉପକୃତ ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁବାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଲୋଚନା ବିଷୟ ବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ବିକ୍ରମ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

---

# ପୋଲିସ ନିଷ୍କ୍ରିୟତାରୁ ଅସନ୍ତୋଷ

**ଗୁଡ୍ଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣା**

**ବ୍ରଜରାଜନଗର,୨୪।୬ (ଡି.ଏନ୍.ଏ.)**

ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର କଲୋନୀରେ ରହୁଥିବା ଗୁଡ୍ଡୁ ଗୁପ୍ତାଙ୍କୁ ଗୁଳିମାଡ଼ କରାଯାଇଥିଲା। ଏହି ଘଟଣାକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ତାଙ୍କ ପରିବାର ଲୋକେ। ଏ ନେଇ ସୋମବାର ପୂର୍ବାହ୍ନରେ ଖବରଦାତା ସମ୍ମିଳନୀ କରି ଅସନ୍ତୋଷ ବ୍ୟକ୍ତ କରିବା ସହ ପୋଲିସ କେଉଁ ଉଦ୍ଦେଶ୍ୟରେ ହାତବାନ୍ଧି ବସିଛି ବୋଲି ପ୍ରଶ୍ନ କରିଛନ୍ତି ଗୁଡ୍ଡୁ। ଗୁଡ୍ଡୁଙ୍କ ଅଭିଯୋଗ ଅନୁଯାୟୀ ତାଙ୍କୁ ଗୁଳି ବାଜିବା ପରେ ସେ ମଣ୍ଡଳିଆ ଡାକ୍ତରଖାନା ଯାଇଥିଲେ। ପରେ ଝାରସୁଗୁଡ଼ା ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ପୋଲିସ ତାଙ୍କ ସହ ଯାଇଥିଲା। ହେଲେ ସେଠାରୁ ତାଙ୍କୁ ବୁର୍ଲା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ପୋଲିସ ତାଙ୍କ ସହ ଯାଇ ନ ଥିଲା। ଯଦି ରାସ୍ତାରେ ତାଙ୍କ ଉପରକୁ ପୁନର୍ବାର ଆକ୍ରମଣ ହୋଇଥାନ୍ତା ସେଥି ପାଇଁ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ କରିଛନ୍ତି ଗୁଡ୍ଡୁ। ପୋଲିସ ମାମଲା ରୁଜୁ କରି ବସିଯାଇଛି। ଆଜିର ଦିନରେ ଟେକ୍ନୋଲୋଜି ବହୁତ ଆଗେଇ ଗଲାଣି। ମୋବାଇଲ ଟ୍ରାକିଂ, ସିସିଟିଭି ଯାଞ୍ଚ ହେଉ କିମ୍ବା ଅନ୍ୟ କୌଣସି ଉପାୟ ଅବଲମ୍ବନ କରି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରନ୍ତା। ହେଲେ ବାରମ୍ବାର କହିଲେ ମଧ୍ୟ ପୋଲିସ ଶୁଣୁନାହିଁ। ତାଙ୍କର କେହି ଶତ୍ରୁ ନାହାନ୍ତି। ୯ ବର୍ଷ ତଳେ ବ୍ରଜରାଜନଗର ଅଞ୍ଚଳରେ ରହୁଥିବା ଜଣେ ଅପରାଧୀଙ୍କ ସହ ମନୋମାଳିନ୍ୟ ଥିଲା। ନିକଟ ଅତୀତରେ ଏକ ପ୍ରତିଷ୍ଠିତ ପରିବାରର ଜଣେ ସଦସ୍ୟଙ୍କୁ ସେ ମାଡ଼ ମାରିଥିଲେ। ଏମାନଙ୍କ ମଧ୍ୟରୁ କେହି ଏପରି କରିଥାଇ ପାରନ୍ତି ବୋଲି ଗୁଡ୍ଡୁ ସନ୍ଦେହ କରୁଥିବା କହିଛନ୍ତି। ଏ ସବୁ ଦିଗପ୍ରତି ପୋଲିସ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଗୁଳିମାଡ଼ ପରଠାରୁ ତାଙ୍କ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଯେଉଁମାନେ ସ୍ପଷ୍ଟ ଦିବାଲୋକରେ ଘର ସମ୍ମୁଖରେ ଆସି ଗୁଳି ମାରିପାରୁଛନ୍ତି ସେମାନେ ଆଗାମୀ ଦିନରେ ଯଦି ମୋ ପରିବାରର କ୍ଷତି ଘଟାନ୍ତି ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି। ପୋଲିସ ତାଙ୍କୁ ତଥା ତାଙ୍କ ପରିବାର ସଦସ୍ୟଙ୍କୁ ସୁରକ୍ଷା ଯୋଗାଇ ଦେଉ। ନଚେତ୍ ଏକ ବନ୍ଧୁକ ରଖିବାକୁ ଅନୁମତି ଦେଉ ବୋଲି ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ନେଇ ଓରିଏଣ୍ଟ ଥାନା ଅଧିକାରୀ ସାରଙ୍ଗ ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଲେ, ପୋଲିସ ଅନୁସନ୍ଧାନ ଜାରି ରଖିଛି। ପୋଲିସ ଉପରେ ଭରସା ରଖିବାକୁ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି।


ଗୁଡ୍ଡୁ ଗୁପ୍ତା।

---

# ଡିଏଭି ସ୍କୁଲ ଫି' ବୃଦ୍ଧି ନେଇ ଅସନ୍ତୋଷ

**ପ୍ରତ୍ୟାହାର ପାଇଁ ବିଧାୟକଙ୍କ ଦାବି**

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୪।୬(ଡି.ଏନ୍.ଏ.)**

ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ବନ୍ଧବାହାଲ ଓ ବ୍ରଜରାଜନଗର ଡିଏଭି ସ୍କୁଲ ଫି' ଚଳିତ ଶିକ୍ଷାବର୍ଷରେ ଅହେତୁକ ବୃଦ୍ଧି କରାଯାଇଛି। ଫଳରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି। ଏଭଳି ସ୍ଥିତିରେ ଅଭିଭାବକମାନେ ଜିଲା ପ୍ରଶାସନ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ସ୍କୁଲ କର୍ତ୍ତୃପକ୍ଷ, ଏମ୍‌ପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ବିଧାୟକ କିଶୋର ମହାନ୍ତି ଏମ୍‌ସିଏଲ୍ ସିଏମ୍‌ଡିଙ୍କ ଦୃଷ୍ଟିକୁ ଆଣିଛନ୍ତି। ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କମ୍ପାନୀ ତୁରନ୍ତ ବର୍ଦ୍ଧିତ ଫି' ପ୍ରତ୍ୟାହାର କରୁ। ନଚେତ୍ ଉଚିତ୍ ଜବାବ ଦିଆଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ବିଧାୟକ ମହାନ୍ତି ସୋମବାର ପୃଥକ ଭାବେ ବନ୍ଧବାହାଲ ତ୍ରିବେଣୀ ଅତିଥି ଭବନ ଓ ବ୍ରଜରାଜନଗର ଓରିଏଣ୍ଟ ଭିଆଇପି ଅତିଥି ଭବନରେ ତ୍ରିପାକ୍ଷିକ ଆଲୋଚନା କରିଛନ୍ତି। ଓରିଏଣ୍ଟ ଭିଆଇପି ଅତିଥି ଭବନରେ ଆୟୋଜିତ ଆଲୋଚନା ବୈଠକରେ ବିଧାୟକଙ୍କ ସମେତ ପୂର୍ବତନ ପୌରାଧ୍ୟକ୍ଷ କିଶୋର ଅଗ୍ରୱାଲ, ଏମ୍‌ସିଏଲ୍ ଇବ୍ ଭ୍ୟାଲି ଜିଏମ୍ ମଧୁସୂଦନ ଶର୍ମା, ଡିଏଭି ଅଧ୍ୟକ୍ଷ ପି.କେ. ନାୟକ ଓ କେତେଜଣ ଅଭିଭାବକ ଉପସ୍ଥିତ ଥିଲେ। ସେହିଭଳି ବନ୍ଧବାହାଲ ବୈଠକରେ ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଶ୍ରମିକନେତା ଦେବରାଜ ପ୍ରଧାନ, ଶମ୍ଭୁ ମହାନ୍ତି, ଏମ୍‌ସିଏଲ୍ ଅଧିକାରୀ ପି.କେ. ଶତପଥୀ, ଶିଖା ଚାଟାର୍ଜୀ ଓ ଡିଏଭି ସ୍କୁଲ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର, କ୍ଷୀରୋଦ ପ୍ରଧାନ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ଦୁଇ କ୍ୟାଟେଗୋରିରେ ବିଭକ୍ତ କରାଯାଇ ସ୍କୁଲ ଫି ଆଦାୟ କରାଯାଉଛି। ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲାଙ୍କଠାରୁ କମ୍ ପରିମାଣ ଓ ଅଣ କର୍ମଚରୀଙ୍କ ପିଲାଙ୍କଠାରୁ ବିପୁଳ ପରିମାଣର ଫି' ଆଦାୟ କରାଯାଉଛି। ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲାଙ୍କ ତୁଳନାରେ ଅଣ କର୍ମଚାରୀଙ୍କ ପିଲା ୧୦ଗୁଣ ଅଧିକ ଫି' ଦେଉଛନ୍ତି। କମ୍ପାନୀର ଏଭଳି କାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ପ୍ରଭାବିତ କରିବ। ଏହି ଅଞ୍ଚଳବାସୀ କୋଇଲା ଖଣି ପାଇଁ ବାସଗୃହ, ଜମି ଆଦି ହରାଇବା ସହ ପ୍ରଦୂଷଣର ଶିକାର ହେଉଛନ୍ତି। ଏତେ ତ୍ୟାଗ ପରେ କମ୍ପାନୀ ପୁଣି ଶିକ୍ଷା କ୍ଷେତ୍ରରେ ଲୋକଙ୍କୁ ଶୋଷଣ କରୁଛି ବୋଲି ଅବିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌଣସି କ୍ୟାଟେଗୋରି ନ ରଖି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉ ବୋଲି ବିଧାୟକ ଦାବି କରିଛନ୍ତି। ଏ ନେଇ ସେ ଖଣି ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି କମ୍ପାନୀ ଓ ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି।


ଭିଆଇପି ଅତିଥି ଭବନ ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

---

# ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରେ ଚାଲିଛି ରଥ ନିର୍ମାଣ

**ବେଲପାହାଡ଼,୨୪।୬ (ଡି.ଏନ୍.ଏ.)**

ଆସନ୍ତା ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ଶ୍ରୀଜିଉମାନଙ୍କ ରଥଯାତ୍ରା। ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ରଥ ନିର୍ମାଣ ପାଇଁ ନୟାଗଡ଼ରୁ ମହାରଣା ସେବକମାନେ ଆସିଛନ୍ତି। ସେମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରଥ ନିର୍ମାଣରେ ଲାଗିଛନ୍ତି। ରଥ ଚକ ଓ ଅଖ ଲଗାଯାଇ ସାରିଛି। ଏବେ ପଟା ଖଞ୍ଜା କାମ ଚାଲିଛି। ଆଗକୁ ନାହାକା ଉଠି ବେଦୀପଟା ପଡ଼ିବ। ପରେ ରଥର ଶୀର୍ଷ ଭାଗ କାମ ଆରମ୍ଭ କରାଯିବ ବୋଲି ସେବକ ରଙ୍କନିଧି ମହାରଣା, ବିଦ୍ୟାଧର ମହାରଣା, ହେରେକୃଷ୍ଣ ମୁଦୁଲି ଓ ରାଜକିଶୋର ମହାରଣା ପ୍ରକାଶ କରିଛନ୍ତି। ଗତ ୧୭ ତାରିଖରେ ଶ୍ରୀଜିଉମାନଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀଜିଉମାନେ ଏବେ ଜ୍ୱରାକ୍ରାନ୍ତ ହୋଇ ଅଣସର ଘରେ ଅଛନ୍ତି। ସେଠାରେ ତାଙ୍କ ଆରୋଗ୍ୟ ପାଇଁ ବିଭିନ୍ନ ଉପଚାର ନୀତି ଚାଲିଛି। ଅଣସର ଘରୁ ଶ୍ରୀଜିଉମାନେ ସୁସ୍ଥ ହୋଇ ଫେରିବା ପରେ ଆସନ୍ତା ୨ ତାରିଖରେ ନବଯୌବନ ବେଶରେ ଦର୍ଶନ ଦେବେ। ଏହାର ଗୋଟିଏ ଦିନ ପରେ ଅର୍ଥାତ ଜୁଲାଇ ୪ ତାରିଖରେ ଶ୍ରୀଜିଉମାନେ ରଥରେ ବସି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ।


ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରେ ମହାରଣା ସେବକମାନେ ରଥ ନିର୍ମାଣ କରୁଛନ୍ତି।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

-ଡାୟୋଜିନିସ୍



## ସଂକ୍ଷେପରେ

### ପୁଣି ଫୁଟିଲା ଗୁଳି, ଯୁବକ ମୃତ

ବ୍ରଜରାଜନଗର,୨୪।୬(ଡି.ଏନ୍.ଏ.) କିଛିଦିନ ବ୍ୟବଧାନରେ ସୋମବାର ବ୍ରଜରାଜନଗରରେ ପୁଣି ଗୁଳି ଫୁଟିଛି। ଗୁଡୁ ଗୁପ୍ତାଙ୍କୁ ଗୁଳିମାଡ଼ ଘଟଣାର ୧୫ ଦିନ ମଧ୍ୟରେ ସୋମବାର ରାତି ସାଢ଼େ ୮ଟାରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡଠାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ଅମିତ ଧଳ। ଦୁର୍ବୃତ୍ତମାନେ ତାଙ୍କୁ ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଅମିତଙ୍କ ପେଟ ଏବଂ ଆଉ ଗୋଟିଏ ଡାହାଣ ପଟ ଛାତିରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳିଆ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ପୁଣି ବୁର୍ଲା ମେଡିକାଲ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଅମିତ ତାଙ୍କ ଅଫିସ ସମ୍ମୁଖରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ଏହି ସମୟରେ ୨ଜଣ ଯୁବକ ଆସି ଭେୟା ନମସ୍ତେ ବୋଲି କହିବା ସହ ଗୁଳିମାଡ଼ କରିଥିଲେ। ଅମିତଙ୍କ ଶରୀରରେ ଦୁଇଟି ଗୁଳି ବାଜିବା ସତ୍ତ୍ୱେ ସେ ସାହସ ଦେଖାଇ ଦୁର୍ବୃତ୍ତଙ୍କଠାରୁ ଗୋଟିଏ ବାଇକ୍ ଓ ଗୋଟିଏ ବନ୍ଧୁକ ଛଡ଼ାଇ ରଖିବାରେ ସକ୍ଷମ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତ ଦ୍ୱୟ ଶୌଚାଳୟ ଗଳି ଦେଇ ଦୌଡ଼ି ପଳାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଜବତ କରି ତଦନ୍ତ ଆରମ୍ଭ କରିଛି।

### ୮୦ କୁଇଣ୍ଟାଲ ମହୁଲ ପୋଚ ଜବତ

କୁଆଁରମୁଣ୍ଡା,୨୪।୬(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅବକାରୀ ଥାନା ଅନ୍ତର୍ଗତ କଚାରୁ, କର୍ମାବାହାଲ ଓ ନୂଆଗାଁର ଅଙ୍କୁରପାଲ୍ଲୀରେ ସୋମବାର ଅବକାରୀ ଓ ପୋଲିସ ମିଳିତ ଚଢ଼ାଉ କରିଛି। କଚାରୁ ଓ କର୍ମାବାହାଲ ଗ୍ରାମର ବିଭିନ୍ନ ଲୋକଙ୍କ ଘରୁ ୫୦ କୁଇଣ୍ଟାଲରୁ ଅଧିକ ମହୁଲ ପୋଚ ଜବତ କରାଯାଇଛି। ସେହିପରି ନୂଆଗାଁର ଅଙ୍କୁରପାଲ୍ଲୀ ଗ୍ରାମରୁ ମୋଟ ୩୦ କୁଇଣ୍ଟାଲ ମହୁଲ ପୋଚ ଜବତ କରାଯାଇଛି। ମାତ୍ର ଏହି ଚଢ଼ାଉ ସମୟରେ ଉଭୟ ଅବକାରୀ ଓ ପୋଲିସ ଟିମ୍ କେବଳ ମହୁଲ ପୋଚ ଜବତ କରିଥିବା ବେଳେ କାହାରିକୁ ଗିରଫ କରିବାକୁ ସାହସ ଜୁଟାଇବାରେ ସମର୍ଥ ହୋଇ ନାହାଁ। ମାଜିଷ୍ଟ୍ରେଟ ଭାବେ ବୀରମିତ୍ରପୁର ତହସିଲଦାରୀ ଅଂଶୁମାନ ଦାସ ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ଦାସଙ୍କ ଉପସ୍ଥିତିରେ ଉକ୍ତ ମହୁଲ ପୋଚକୁ ଅବକାରୀ ବିଭାଗ ନଷ୍ଟ କରିଛି।

# ଡ୍ୟୁଟି ନ କରି ଟଙ୍କା ନେଇଛନ୍ତି ଡାକ୍ତର

ନୂଆଗାଁ, ୨୪।୬ (ଡି.ଏନ.ଏ.)

ସୁନ୍ଦରଗଡ ଜିଲାର ଆଦିବାସୀ ବହୁଳ ବ୍ଲକ ନୂଆଗାଁ ଅଞ୍ଚଳରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଆସୁଛି । ତେବେ ନିକଟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିଲୀପ କୁମାର ଷଡଙ୍ଗୀ ନୂଆଗାଁ ବ୍ଲକରେ ବିପର୍ଯ୍ୟସ୍ତ ଚିକିତ୍ସା ସେବାକୁ ହୃଦୟଙ୍ଗମ କରି ହାତୀବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନୂଆଗାଁ, ସୋରଡା ଓ ଲୋଆରାମ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ନିଯୁକ୍ତି ଦେଇଛନ୍ତି। ହେଲେ ଲୋଆରାମ ଓ ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ସବୁଦିନ ଆସୁ ନାହାନ୍ତି। ଯେଉଁ ଦିନ ବି ଆସୁଛନ୍ତି ୨/୩ ଘଣ୍ଟା ରହି ଚାଲି ଯାଉଥିବା ଅଭିଯୋଗ ହେଉଛି । ସେହିଭଳି ହାତୀବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟସେବା ସୁଧୁରିଥିବା କୁହାଯାଉଥିଲେ ହେଁ ଏବେ ବି କିଛି କର୍ମଚାରୀ ନିଜ ମନମୁତାବକ ଡ୍ୟୁଟି କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୪/୫ ବର୍ଷ ହେଲା ଏକ ପ୍ରକାର ସବୁଦିଗରୁ ବିପର୍ଯ୍ୟସ୍ତ ହୋଇପଡିଛି । ଚିକିତ୍ସା ନାଁରେ ରାଜକୋଷରୁ ଟଙ୍କା ଲୁଟ୍ ହେଉଛି। ବିଭିନ୍ନ ତାଲିମ ସଂକ୍ରାନ୍ତିୟ ମିଥ୍ୟା ବିଲ୍ କରି ମଧ ଟଙ୍କା ହଡପ କରାଯାଉଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ହାତୀବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ରାତ୍ରି ରହଣୀକାଳୀନ ଭତ୍ତା ବାବଦକୁ ୨ ବର୍ଷ ମଧ୍ୟରେ ୫ଲକ୍ଷ ୪୦ ହଜାର ଟଙ୍କା ବିଭିନ୍ନ ଡାକ୍ତରଙ୍କୁ ବେଆଇନ ଭାବରେ ପ୍ରଦାନ କରିଛନ୍ତି, ଯାହା ତଦନ୍ତ ସାପେକ୍ଷ । ୨୦୧୭ ମାର୍ଚ୍ଚ ୯ରୁ ୨୦୧୮ ଅଗଷ୍ଟ ୮ ତାରିଖ ଭିତରେ ବିଭିନ୍ନ ତାରିଖରେ ଲକ୍ଷ ଲକ୍ଷ ଟଙ୍କା ଡାକ୍ତରଙ୍କ ରାତ୍ରୀକାଳୀନ ରହଣୀ ବାବଦକୁ ବିଲ୍ କରାଯାଇଛି । ହାତୀବାରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ସିଦ୍ଧେଶ୍ୱର ମାଝୀ ବିଲ୍ ନଂ. ୨୩୦ (୧୧।୩।୨୦୧୭)ରେ ୮୦ ହଜାର ଟଙ୍କା ରାତ୍ରି ରହଣୀକାଳୀନ ଭତ୍ତା ବାବଦକୁ ବିଲ୍ ନେଇଛନ୍ତି। ୧।୩।୨୦୧୮ରେ ବିଲ୍ ନଂ. ୨୧୨ ଅନୁଯାୟୀ ୧ଲକ୍ଷ ୨୦ ହଜାର ଓ ବିଲ୍ ନଂ. ୨୧୩ ଅନୁଯାୟୀ ୪୦ ହଜାର ଟଙ୍କା ନେଇଛନ୍ତି। ଏହି ଭଳି ମୋଟ ୨ଲକ୍ଷ ୪୦ ହଜାର ଟଙ୍କା ସେ ବେଆଇନ ଭାବରେ ନେଇଛନ୍ତି । ସେହିଭଳି ସୋରଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦେବୀ ଗାୟତ୍ରୀ ବିଲ୍ ନଂ. ୫୦ ଓ ୫୧ ଅନୁଯାୟୀ ୩୦।୫।୨୦୧୭ରେ ୨ଟି ପର୍ଯ୍ୟାୟରେ ୭୦ ହଜାର ଓ ୩୦ ହଜାର କରି ମୋଟ ୧ଲକ୍ଷ ଟଙ୍କା ନେଇଛନ୍ତି । ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦ୍ମନାଭନ ମୁଖୀ କାରୁଆ ବିଲ୍ ନଂ. ୨୧୮, ୫୧, ୨୧୪, ୧୯, ୭୨, ୯୩ ଅନୁଯାୟୀ ୯।୩।୨୦୧୭, ୩୦।୫।୨୦୧୭, ୧।୩ ୨୦୧୮, ୧୭।୫।୨୦୧୮, ୧।୭।୨୦୧୮ ଓ ୮।୮।୨୦୧୮ରେ ମୋଟ ୧ ଲକ୍ଷ ୯୦ ହଜାର ଟଙ୍କା ରାତିରେ ରହଣୀକାଳୀନ ଭତ୍ତା ବାବଦକୁ ଗ୍ରହଣ କରିଛନ୍ତି, ଯାହାକି ସଂପୂର୍ଣ୍ଣ ବେଆଇନ । ଉକ୍ତ ୩ ଜଣ ଡାକ୍ତର ଦିନ ବେଳା ଠିକ ଭାବେ ନିଜ ଡ୍ୟୁଟି କରନ୍ତି ନାହିଁ । ମାସରେ ୮ରୁ ୧୦ ଦିନ କାମ କଲେ ବହୁତ। ଏମାନେ ପୁଣି କେବେ ରାତ୍ରିକାଳୀନ ଡ୍ୟୁଟି କଲେ ଯେ, ସରକାର ତାଙ୍କୁ ରାତ୍ରି ରହଣୀକାଳୀନ ଭତ୍ତା ବାବଦକୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କଲେ ତାହା ଭିଜିଲାନ୍ସ ତଦନ୍ତ କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । କେବଳ ଜଣେ ଡାକ୍ତର ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ରର ଜିତେନ୍ଦ୍ର କୁମାର ବେହେରା ରାତ୍ରିକାଳୀନ ଡ୍ୟୁଟି କରୁଛନ୍ତି। ସବୁଠାରୁ ବଡ ପ୍ରଶ୍ନ ସଂପୃକ୍ତ ଡାକ୍ତରମାନେ ରାତ୍ରିରେ ଡ୍ୟୁଟି ନ କରି କିଭଳି ଭାବରେ ସେମାନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ କରାଗଲା ସେ ନେଇ ତଦନ୍ତ ହେବା ଜରୁରୀ । ନୂଆଗାଁ ଭଳି ଏକ ଉପାନ୍ତ ଅଞ୍ଚଳରେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ରାଉରକେଲାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ହେଲେ ନୂଆଗାଁ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ଡ୍ୟୁଟି ନ କରି ସରକାରଙ୍କଠାରୁ ମିଥ୍ୟା ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ଠକି ନେବା କେତେଦୂର ଯୁକ୍ତିଯୁକ୍ତ । ଏ ନେଇ ବିଭାଗ ପକ୍ଷରୁ କଡା ପଦକ୍ଷେପ ନେବା ସହ ବିଲ୍ କରିବା ପଛରେ କାହାର ସଂପୃକ୍ତି ରହିଛି ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାକୁ ଦାବି ହେଉଛି । ପ୍ରକାଶ ଥାଉକି ରାଜ୍ୟ ସରକାର ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ଆଣିବାକୁ ବିଶେଷ କରି ରାତ୍ରି ସମୟରେ ଯେଉଁ ଡାକ୍ତରମାନେ ଚିକିତ୍ସା କେନ୍ଦ୍ରରେ ରହି ଚିକିତ୍ସା କରିବେ ସେମାନଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏଁ ରାତ୍ରି ରହଣୀକାଳୀନ ଭତ୍ତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏ ନେଇ ସୁନ୍ଦରଗଡ଼ ସିଡିଏମ୍‌ଓ ଡାକ୍ତର ଦିଲୀପ କୁମାର ଷଡଙ୍ଗୀ କହିଛନ୍ତି, ପୂର୍ବ ସିଡିଏମଓଙ୍କ ଅମଳରେ ଏହା ହୋଇଥିବ। ତାଙ୍କ ସମୟରେ ଏହା ହୋଇନି। ଟଙ୍କା ଉଠାଣ ଦାୟିତ୍ୱ ସମ୍ପୃକ୍ତ ଡାକ୍ତରଖାନାର ଇନ୍‌ଚାର୍ଜମାନଙ୍କର ଅଧୀନରେ ରହିଥାଏ। ହେଲେ ସେ ତଦନ୍ତ କରି ଏହା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

ଏ ନେଇ ନୂଆଗାଁ ବ୍ଲକ ବିଜେଡି ସଭାପତ ଦିଗାମ୍ବର ଦାସ କହନ୍ତି ଯେ, ଡା. ସିଦ୍ଧେଶ୍ୱର ମାଝୀ ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଥିବା ସମୟରେ ଏଠି କେହି ଡାକ୍ତର ରାତିରେ ରହୁ ନ ଥିଲେ । ନିଜେ ଡା. ମାଝୀ ମାସରେ ୮ଦିନ ଆସୁଥିଲେ। ରାତିରେ ରହିବା ତ ଦୂରର କଥା ଦିନରେ ତାଙ୍କ ଦେଖା ମିଳେ ନାହିଁ । ଏଣୁ ରାତ୍ରିରହଣୀ କାଳୀନ ଭତ୍ତା ଯଦି ସେ ନେଇଛନ୍ତି ତାଙ୍କ ବିରୋଧରେ ତଦନ୍ତ କରାଯାଉ। ନୂଆଗାଁ ବ୍ଲକର ଯୁବନେତା ପ୍ରଦୀପ ସାହୁ କହିଛନ୍ତି ଯେ, ଆଜି ପର୍ଯ୍ୟନ୍ତ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ରାତିରେ ରହି ନାହାନ୍ତି । ଡା. ମୁଖି ତ ଦିନରେ ରହନ୍ତି ନାହାନ୍ତି । ମାସରେ ୧୫ ଦିନ ଡ୍ୟୁଟି କରନ୍ତି । ଏଭଳି ଡାକ୍ତରଙ୍କୁ ରାତ୍ରି ରହଣୀ କାଳୀନ ଭତ୍ତା ଯିଏ ପ୍ରଦାନ କରିଛନ୍ତି ତାଙ୍କ ଉପରେ ଭିଜିଲାନ୍ସ ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସୋରଡାର ଭାଜପା ନେତା ବସନ୍ତ ସାହୁ କହିଛନ୍ତି ଯେ, ସୋରଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ସର୍ବେସର୍ବା । ଏଠି ସବୁ ସୁବିଧା ଥିବା ସତ୍ତ୍ୱେ ଡାକ୍ତର ରାତିରେ ରହନ୍ତି ନାହିଁ । ରାତିରେ ଆମର କିଛି ଅସୁବିଧା ହେଲେ ବିଶ୍ରା ନ ହେଲେ ରାଉରକେଲା ସାହା । ତେଣୁ ଏଠି କୌଣସି ଡାକ୍ତର ନ ରହି ତାଙ୍କୁ ରାତ୍ରିକାଳୀନ ଭତ୍ତା ଦେଲା କିଏ । ରାଜକୋଷରୁ ଯେଉଁ ଟଙ୍କା ହଡପ କରାଗଲା ତାହା ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ଭରଣା କରାଯାଉ।

### ୧୦ ମାସର ଶିଶୁ କନ୍ୟାକୁ ଛାଡି ମା'ର ଆତ୍ମହତ୍ୟା

ଟେନସା, ୨୪।୬ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ଭଞ୍ଜପାଲି ଗ୍ରାମର ମୁଣ୍ଡାବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି । ୧୦ ମାସର ଶିଶୁ କନ୍ୟାଙ୍କୁ ଛାଡି ଜଣେ ମହିଳା ପୋକ ମରା ବିଷ ପିଇ ଜୀବନ ହାରିଛନ୍ତି। ସେ ହେଉଛନ୍ତି ଚିନ୍ତ ମୁଣ୍ଡା (୪୫) ଙ୍କ ସ୍ତ୍ରୀ ଯାନ ମୁଣ୍ଡା (୩୨) । କିଛି ଦିନ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳି ଲାଗି ରହିଥିଲା । ରବିବାର ସନ୍ଧ୍ୟାରେ ସ୍ୱାମୀ ବାହାରକୁ ଯାଇଥିବା ସମୟରେ ଯାନ ଘରେ ଥିବା ପୋକ ମରା ବିଷ ପିଇ ଦେଇଥିଲେ । ଏସବୁ ପଡୋଶୀ ଜାଣିବା ପରେ ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ସମୟରେ ତାଙ୍କର ବାଟରେ ମୃତ୍ୟୁ ଘଟିଥିଲା । ଖବର ପାଇ କୋଇଡା ପୋଲିସ ଏବଂ ଅତିରିକ୍ତ ତହସିଲଦାର ସାଇ ସସ୍ମିତା ହୋତା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ସିଏଚସିକୁ ପଠାଇଥିଲେ । ପାରିପାର୍ଶିକ ସ୍ଥିତିକୁ ଦେଖିଲା ପରେ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ପ୍ରକାଶ କରିଛି । ଘଟଣା ସ୍ଥଳରୁ ବିଷ ବୋତଲର ଠିପି ମିଳିଛି। ଏ ନେଇ କୋଇଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା କୋଇଡା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ପ୍ରକାଶ କରିଛନ୍ତି।

## ମାଡ଼ପିଟ ଅଭିଯୋଗରେ ୪ ଗିରଫ

ବେଦବ୍ୟାସ, ୨୪।୬ (ଡି.ଏନ.ଏ.)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଗ୍ରାମର ମଝିଆଟୋଲାରେ ରବିବାର ରାତିରେ ମାଡପିଟ ହୋଇଛି। ଏହି ଘଟଣାକୁ ନେଇ ସୋମବାର ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି । ଘଟଣାରେ ସମ୍ପୃକ୍ତ ଥିବା ଗର୍ଜନ ମଝିଆଟୋଲର ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏହି ଅଭିଯୁକ୍ତମାନେ ହେଲେ ମଝିଆଟୋଲାର ଅମିତ କୁମାର ମାହାଲି (୨୨), ଅସିତ ମାହାଲି (୨୫), ରାକି କିଶାନ (୨୩) ଓ ସମୀର ଓରାମ (୨୬) ।

ପୋଲିସ ସୂଚନାନୁଯାୟୀ, ରବିବାର ରାତିରେ ଗର୍ଜନ ଗ୍ରାମର ନରେନ୍ଦ୍ର କିଶାନ ଓ ବିକ୍ରମ କିଶାନ ଗର୍ଜନ ମଝିଆଟୋଲାକୁ ଯାଇଥିଲେ। ସେଠାରେ ଅମିତ ଓ ଅସିତଙ୍କ ସହ ଏମାନଙ୍କ ପାଟିତୁଣ୍ଡ ହୋଇଥିଲା। ନରେନ୍ଦ୍ର ଓ ବିକ୍ରମ ଘରକୁ ଫେରି ଯାଇଥିଲେ। ହେଲେ ଅମିତ ଓ ଅସିତଙ୍କ ଦେହରେ ବିକ୍ରମ ଓ ନରେନ୍ଦ୍ରଙ୍କ କଥା ହଜମ ହୋଇ ନ ଥିଲା । ପ୍ରତିଶୋଧ ପରାୟଣ ହୋଇ ଏହି ଦୁଇ ଭାଇ ଗ୍ରାମର ରାକି କିଶାନ, ସମୀର କିଶାନଙ୍କ ସମେତ ଅନ୍ୟ ପ୍ରାୟ ୭/୮ ଜଣ ସାଙ୍ଗଙ୍କୁ ନେଇ ବିକ୍ରମଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ବିକ୍ରମ ଓ ତାଙ୍କ ଭାଇ ଆନ୍ନା ଘରୁ ବାହାରି କ'ଣ ପାଇଁ ଗାଳିଗୁଲଜ କରୁଛି ବୋଲି ପଚାରିବାରୁ ଅଭିଯୁକ୍ତମାନେ ଉତ୍ତକ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ। ଫଳରେ ଆନାଙ୍କ ମୁଣ୍ଡ ଓ ଡାହାଣ ହାତରେ ଆଘାତ ଲାଗିଥିଲା। ବିକ୍ରମଙ୍କ ମୁଣ୍ଡରେ ମଧ ଗଭୀର ଆଘାତ ହୋଇଛି । ତାଙ୍କ ମୁଣ୍ଡରେ ପ୍ରାୟ ୩ଟି ଷ୍ଟିଚ୍ ପଡଛି। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଆହତ ବିକ୍ରମ ଓ ତାଙ୍କ ଭାଇ ଆନ୍ନାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଆହତ ବିକ୍ରମ ଓ ତାଙ୍କ ଭାଇ ଆନ୍ନା ସୋମବାର ବ୍ରାହ୍ମଣୀତରଙ୍ଗ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ଏହି ଲିଖିତ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୧୬୧/୧୯) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି।

## ସବଡେଗା ତହସିଲରେ ଜଙ୍ଗଲ ଜମି ଅଭିଯୋଗ ଶୁଣାଣି

ସବଡେଗା, ୨୪।୬ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ସବଡେଗା ତହସିଲରେ ୮ଟି ଗ୍ରାମର ୬୫ଜଣ ବ୍ୟକ୍ତି ଅଧିକାର କରିଆସୁଥିବା ଜଙ୍ଗଲ ଜମିକୁ ନିଜ ନାମରେ ପଟ୍ଟା ପ୍ରଦାନ କରିବାକୁ ଆବେଦନ କରିଛନ୍ତି। ଏଥିରୁ ସୁବଳୟା, କିରାଲଗା, ଗୁନିପାନି, ଲତଡେଗା, ଟିକଟଯୋର, ତେନ୍ତୁଲିଝରିଆ, ଡମକୁଡା, ବରପାଲି ଗ୍ରାମର ଆବେଦନକାରୀଙ୍କୁ ଡାକି ସୋମବାର ଆଲୋଚନା କରାଯାଇଛି। ଉପଜିଲାପାଳ ଡୋଳାମଣୀ ପଟେଲ, ବିଡିଓ ଲମ୍ବୋଧର ଧରୁଆ, ତହସିଲଦାର ରୁପାଲିକା ଦାଶ, ଡେପୁଟିରେଞ୍ଜର ଶିବାଜୀ ରାଓ, ଫରେଷ୍ଟର ଶାନିକାର ଟପ୍ପୋ, ଏସିଏଫ ଟଙ୍କଧର ବେହେରା ତହସିଲ ଅଫିସ ପରିସରରେ ଆବେଦନକାରୀଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକ କାଗଜ ଦେଖାଇ ପାରିଲେ ସେମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ଦିଆଯିବ ବା ବିଚାର କରାଯିବ ବୋଲି କୁହାଯାଇଛି।

## ହକି ଖେଳାଳି ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧନା




ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସଙ୍କୁ ସୁନ୍ଦରଗଡ ଟାଉନ ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

ସୁନ୍ଦରଗଡ,୨୪।୬ (ଡି.ଏନ୍.ଏ.)

ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସଙ୍କୁ ସୁନ୍ଦରଗଡ ଟାଉନ ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । କ୍ଲବର ସଭାପତି ରୋଟାରିଆନ୍ ଦୁଷ୍ମନ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅମିତଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିତ ସୁନ୍ଦରଗଡ ମାଟିର ଗର୍ବ ଓ ଗୌରବ ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଅମିତଙ୍କୁ ହକିଷ୍ଟିକ ମଧ୍ୟ ପ୍ରଦାନ କରାଯାଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ରୋଟାରିଆନ୍ ପ୍ରତାପ ବେହେରା, ଚିରବ୍ରତ ଦତ୍ତ, ଶୁଭେନ୍ଦୁ ମହାପାତ୍ର, ତୁଳସୀରାମ ସାହୁ, କ୍ରୀଡା ପ୍ରଶାସକ ଅଭୟ କୁମାର ପଟ୍ଟନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୁନ୍ଦରଗଡ ଟ୍ରେଡ୍ ମିଟ୍ ଉଦଘାଟିତ

ସୁନ୍ଦରଗଡ , ୨୪।୬ (ଡି.ଏନ୍.ଏ.)

ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡିଆଠାରେ ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ଟ୍ରେଡ ମିଟ୍ ଉଦ୍‌ଘାଟିତ ହୋଇଛି । ଏହା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ମେଳାକୁ ଉଦ୍‌ଘାଟନ କରଥିଲେ। ଏହି ଉଦଘାଟନୀ ସଭାରେ ପୂର୍ବତନ କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀ, ଯଶୋବନ୍ତ ନାଏକ, ମୀନାକ୍ଷୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ଜିଲା ତଥା ଜିଲା ବହାରର ବିପୁଳ ହସ୍ତଶିଳ୍ପ ସାମଗ୍ରୀ ଆଦି ସ୍ଥାନ ପାଇଛି । ଏଥି ସହିତ ପ୍ରତିଦିନ ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, ମେହେନ୍ଦି, ଡ୍ରଇଁ ଓ ଫେସନ ଶୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର କାର୍ଯ୍ୟକ୍ରମ ସଂଯୋଜକ ମହମ୍ମଦ ଆଲମ୍ ସୂଚନା ଦେଇଉନ୍ତି। ରୋଶନ ସାହୁ ସାହୁ ଓ କବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ସୁନ୍ଦରଗଡ ନାରୀ କଲ୍ୟାଣ କେନ୍ଦ୍ର ପଡିଆରେ ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ଟ୍ରେଡ୍ ମିଟ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ରାସ୍ତାରେ ବସିଲେ ଅଙ୍ଗନବାଡି କର୍ମୀ, ସହାୟିକା

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ସୁନ୍ଦରଗଡ,୨୪।୬ (ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁନ୍ଦରଗଡ ଜିଲା ଶାଖା ସଭାନେତ୍ରୀ ବାସନ୍ତୀ ବାଗ୍, ସଂପାଦିକା ବିମଳା ଲାକ୍ରାଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ଜିଲାର ୧୭ଟି ବ୍ଲକ, ୪ଟି ପୌରାଞ୍ଚଳରେ କାର୍ଯ୍ୟରତ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଯୋଗ ଦେଇଥିଲେ । ଏହି ସମାବେଶରେ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସାଧାରଣ ସଂପାଦିକା ଅଞ୍ଜଳି ପଟେଲ, ରାଜ୍ୟ ଉପସଭା ନେତ୍ରୀ ମାନସୀ ଦାଶ, ଭାରତୀୟ ମଜଦୁର ସଂଘ ଉପସଭାପତି କିଶୋରୀ ପଣ୍ଡା, ଗ୍ରାମୀଣ କୋଠାବାଡି ଶ୍ରମିକ ସଂଗଠନର ସଂପାଦକ ସୁରେଶ କୁମାର ତରୁୱାର, ଜିଲା ସହସଂପାଦିକା ରାଜକୁମାରୀ ବଗାର, କୋଷାଧ୍ୟକ୍ଷ ସୁଚିତା ଟପ୍ପୋ, କବିତା ପଣ୍ଡା, ମିନତି ମୁଣ୍ଡା ପ୍ରମୁଖ ଯୋଗଦେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କର ସମସ୍ୟାର ସମାଧାନ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ଖାଲି ପଡୁଥିବା ପଦବୀ ପୂରଣ ଦିଗରେ ବିଜ୍ଞାପନ କିମ୍ବା ସାକ୍ଷାତକାର କରା ନ ଯାଇ ସହାୟିକାମାନଙ୍କୁ ପଦୋନ୍ନତି ଦେବା, ବିନା ପ୍ରଶିକ୍ଷଣରେ କୌଣସି ଔଷଧ ବଣ୍ଟନ ନିମନ୍ତେ ବାଧ୍ୟ ନ କରିବା, ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା, ପାଣି, ବିଦ୍ୟୁତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଜିଲା ଖଣିଜ ପାଣ୍ଠିରୁ ପୂର୍ବତନ ଜିଲାପାଳ ପ୍ରତି ଅଙ୍ଗନୱାଡି କେନ୍ଦ୍ର ପାଇଁ ୨ଟି ଲେଖାଏଁ ଗ୍ୟାସ ସିଲିଣ୍ଡର ସହ ଚୂଲା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗୋଟିଏ ଲେଖାଏ ସିଲିଣ୍ଡର ଯୋଗାଇ ଦିଆଯାଇଥିଲା। ଏଣୁ ଦ୍ୱିତୀୟ ସିଲିଣ୍ଡର ଯୋଗାଇ ଦିଆଯିବା ସହ ବର୍ଦ୍ଧିତ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ। ଏହି ସବୁ ଦାବି ପୂରଣ ଦିଗରେ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଅଙ୍ଗନୱାଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।